ମାସିକ ଇ-ପତ୍ରିକା

# ଆମ କବିତା

ପ୍ରଥମ ବର୍ଷ । ନବମ ସଂଖ୍ୟା । ସେପ୍ଟେମ୍ବର ୨୦୨୨



AMARISATYA
Estd.: 2006
ODISHA



ମାର୍ଗଦର୍ଶକ

ଡ. ପ୍ରମୋଦ ଚନ୍ଦ୍ର ଦାଶ

ଉପଦେଷ୍ଟା ମଣ୍ଡଳୀ

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

ନିଶିକାନ୍ତ କହଲସିଂହ

ସମ୍ପାଦକ

ସମରଜିତ ପଟ୍ଟନାୟକ

ସହଯୋଗୀ ସମ୍ପାଦକ ମଣ୍ଡଳୀ

ବାବାଜୀ ଜେନା

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ରାଜୀବ ରଥ

ପ୍ରୀତମ ବଳିୟାରସିଂହ


# ଆମ କବିତା



ସରିଗଲା ଭୋଦୁଅ.....
ନାହିଁ ସେ ଭରା ନଈ.....
ଏବେ ବି ନଈରେ ବାଲି ଆଉ ବାଲି.....
ବିଲ ଫାଟି ଆଁ କଲାଣି,
ଚାଷୀ ମୁଣ୍ଡରେ ପୁଣି ଚଡ଼କ.....
ବନ୍ୟା ଯାଇଛି......
ପାଣି ଛାଡ଼ିଯିବା ପରେ
ନେତା, ନେତ୍ରୀଙ୍କର ଫଟୋ ପାଇଁ ପୋଜ୍.......
ଯେତିକି ଲାଗେ ଦୁଃଖ........
ସେତିକି ଲାଗେ ହସ....... ।
ସରିଗଲା ସ୍ୱାଧୀନତାର ଅମୃତ ମହୋତ୍ସବ
ରାସ୍ତା କଡ଼ରେ.....ବିଦ୍ୟୁତ୍ ଖୁଣ୍ଟିରେ......
ଗଛରେ.......ଟେଲିଫୋନ୍ ଟାୱାର୍ ଉପରେ.....
ଏବେ ବି ଉଡୁଛି ପବନରେ......
ଫାଳେଫାଳେ ଉଡିଯାଇଥିବା ତ୍ରିରଙ୍ଗା ପତାକା......
ଦୁର୍ଭାଗ୍ୟର ଅନ୍ତ ନାହିଁ.....
ଅନ୍ତ ହେବାର ସମ୍ଭାବନା ବି ନାହିଁ.......
ତଥାପି......ମଣିଷର ଆଶା ବୈତରଣୀ....
ହୁଏ ତ......ପୁଣି ଆସିପାରେ........
ଏକ ସମ୍ଭାବନାର ସୁନ୍ଦର ସକାଳ.........।


ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ,

ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

ଆତ୍ମ କବିତା

ସେପ୍ଟେମ୍ବର
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | କହିବକି ଈଶ୍ୱର ! | ବାସନ୍ତୀ ଦାସ | ୬ |
| ୨ . | ହାତଠାରି ଡାକେ ମୋ' ଗାଁ ମାଟି | ଆରାଧନା ଦାଶ | ୭ |
| ୩. | ପ୍ରୀତିରାଗ | ରଞ୍ଜିତା ମିଶ୍ର | ୮ |
| ୪. | ତୁମ ନୀରବତା.... | ସୁକାନ୍ତି ମିଶ୍ର | ୯ |
| ୫. | ତୁମକୁ ଦେଖିଲା ପରେ | ସୌମ୍ୟଶ୍ରୀ ପଣ୍ଡା | ୧୦ |
| ୬. | ଚାରି ହାତ ଲମ୍ବା ବାଳ | ତାରାପ୍ରସାଦ ଜେନା | ୧୧ |
| ୭. | ମୁଁ ଏମିତି ଜଣେ ପାପୀ | ଦିବାକର ନାୟକ | ୧୨ |
| ୮. | ଅଧାବୁଜା ଆଖି | ରମେଶ ମଙ୍ଗରାଜ | ୧୩ |
| ୯. | ନୀଳ ନିଶୀଥର ସ୍ୱର | ପୂର୍ଣ୍ଣ ଦାସ | ୧୪ |
| ୧୦. | ସାଉଁଟିବା - ଜୀବନର.... | ରାଜାରାମ ବେହେରା | ୧୫ |
| ୧୧. | ମାଦକତା | ଆଶୁତୋଷ ମେହେର | ୧୬ |
| ୧୨. | ଶୃଙ୍ଖଳ | ରାଜେଶ କୁମାର ମୁଣ୍ଡ | ୧୭ |
| ୧୩. | ସଂଧ୍ୟା ତୁମେ | ଅଭିଷେକ ମହାରଣା | ୧୮ |
| ୧୪. | ଚେନାଏ ହସ | ଡାକ୍ତର ବିଧୂତ୍ ଶେଖର ମିଶ୍ର | ୧୯ |
| ୧୫. | ଅତୀତ, ବର୍ତ୍ତମାନ ଓ ଭବିଷ୍ୟ | ବିନୟ ମିଶ୍ର | ୨୦ |
| ୧୬. | ତୁମେ | ଶୈଳେନ୍ଦ୍ର ନାରାୟଣ ବେହେରା | ୨୧ |
| ୧୭. | ମୁଠି | ପ୍ରଜ୍ଞା ମହାନ୍ତି | ୨୨ |
| ୧୮. | ଦୁଃଖର ସ୍ତବକ | ଅଂଜଳି ଦାସ | ୨୩ |
| ୧୯. | ଜଳକା | ସୁମିତା ବେହେରା ବାପି | ୨୪ |
| ୨୦. | ବିରହିଣୀ ରାଧା | ବନଜା ପ୍ରଧାନ | ୨୫ |
| ୨୧. | କାବ୍ୟର ପ୍ରତିମା | ସ୍ୱପନ କୁମାର ଘୋଷ | ୨୬ |
| ୨୨. | ବନାନୀ ମୋତେ ଡାକେ | ବିନୟ କୁମାର ଦାସ | ୨୭ |
| ୨୩. | କାଗଜ ଡଙ୍ଗା | ସାରଙ୍ଗଧର ଷଡ଼ଙ୍ଗୀ | ୨୮ |
| ୨୪. | ଦୁଇ ପାଦ ଆଗକୁ ଚାଲି | ନୂତନ କୁମାର ବେହେରା | ୨୯ |
| ୨୫. | ସତ୍ୟର ସନ୍ଧାନ | ପଦ୍ମନାଭ ପାଣିଗ୍ରାହୀ | ୩୦ |

ଆମ କବିତା

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | କୃଷ୍ଣଲୀଳା (ରାଗ – ବଙ୍ଗଳାଶ୍ରୀ) | ସୁରେଶ ଚନ୍ଦ୍ର ରଥ | ୩୧ |
| ୨୭. | ବଇଁଶୀ ବାଲା | ବିଜୟା ଲକ୍ଷ୍ମୀ ମହାପାତ୍ର | ୩୨ |
| ୨୮. | ଗୁରୁଙ୍କ ଗୁରୁତ୍ୱ | ଅରୂପ କୁମାର ବିଶ୍ୱାଳ | ୩୩ |
| ୨୯. | ମାମୁ ଘର ଗାଆଁ ଭଲ | ଖଗେଶ୍ୱର ବାଗ | ୩୪ |
| ୩୦. | ଅବଶିଷ୍ଟ ସ୍ୱାକ୍ଷର | ଆରତି ମଞ୍ଜରୀ ଦାଶ | ୩୫ |
| ୩୧. | ଉପରଟା ଯାହା ଭିତରଟା .... | ଅକ୍ଷୟ ମହାନ୍ତି | ୩୬ |
| ୩୨. | ଉତ୍କଳ ସୁକନ୍ୟା | ନଳିନୀ ପ୍ରଭା ଦାସ | ୩୮ |
| ୩୩. | ପ୍ରଶ୍ନ ଗୁରୁତର (ଶିଶୁ କବିତା) | ଡ. ଚପଳା ପଣ୍ଡା | ୩୯ |
| ୩୪. | ରାଜା ଝିଅ | ସୁରଞ୍ଜନ ପାତ୍ର | ୪୦ |
| ୩୫. | ଲୁହ | ରମେଶ ଚନ୍ଦ୍ର ମିଶ୍ର | ୪୧ |
| ୩୬. | ସାଗର | ସୁନୀଲ ନାୟକ | ୪୨ |
| ୩୭. | ବାଲକୋନି | ଡ଼. ମାଙ୍ଗଳିକା ମହାପାତ୍ର | ୪୩ |
| ୩୮. | ସଞ୍ଜ ତୁ ଆସିବା ପରେ | ଯମେଶ୍ୱର କହଲସିଂହ | ୪୪ |
| ୩୯. | କଳାକାରଟିଏ | ହାସ୍ୟମୟୀ ରାଜ୍ | ୪୫ |
| ୪୦. | କେହି ଜଣେ କହିବା ଶୁଣା ଗଲା | ଡ ରଜତ କୁମାର ଷଡଙ୍ଗୀ | ୪୬ |
| ୪୧. | ଅଗ୍ରପୂଜ୍ୟ ଶ୍ରୀ ଗଣେଶ | ବାସନ୍ତୀ ଦେଈ | ୪୭ |
| ୪୨. | ପ୍ରିୟା ଓ ଗାଆଁ | ନିଶିକାନ୍ତ କହଲସିଂହ | ୪୮ |

## ବିଶେଷ ସୂଚନା

ସମ୍ମାନୀୟ କବି ଓ କବୟତ୍ରୀମାନଙ୍କୁ ବିନମ୍ର ଅନୁରୋଧ, 'ଆମ କବିତା' ର ପରବର୍ତ୍ତୀ ମାସିକ ସଂକଳନ ପାଇଁ ଆପଣମାନେ କବିତା ୱାଟସଆପରେ ପଠାଇବା ସହିତ 'ଆମରି ସତ୍ୟ'ର ୟୁଟ୍ୟୁବ ଚାନେଲ ପାଇଁ ନିଜସ୍ୱ ମୁଖରେ କବିତା ପାଠର ଭିଡିଓ କରି ଆମର ଟେଲିଗ୍ରାମ(୯୪୩୭୨୮୧୬୫୫)ରେ ପଠାଇବା ପାଇଁ ଚେଷ୍ଟା କରନ୍ତୁ । ଉକ୍ତ ଭିଡିଓରେ ଯଦି କିଛି ତ୍ରୁଟି ଥାଏ ତାକୁ ଆପଣଙ୍କ ଅନୁମତିରେ ସମ୍ପାଦନ କରାଯିବ ।

ଆମ କବିତା

# କହିବକି ଈଶ୍ୱର !



**ବାସନ୍ତୀ ଦାସ**

କହିବକି ଈଶ୍ୱର !
କୋଉ ବିଶ୍ୱାସର ଦ୍ୱାହି ଦେଇ
ଡାକିବି, ଭଜିବି, ମଜ୍ଜିବି
ତମ ନାମରେ, ପ୍ରେମରେ ଅବା
ଭାବ ଭକ୍ତିରେ...
ଯେହେତୁ ତମ ସାମ୍ନାରେ ହିଁ
ମୁଁ ବାରମ୍ବାର ହୁଏ ପୀଡିତ, ଲାଞ୍ଛିତ
ତମ ସାମ୍ନାରେ ହିଁ ଲୁଟିଯାଏ
ମୋ' କଷ୍ଟ ଉପାର୍ଜିତ ସମ୍ପଦ ଐଶ୍ୱର୍ଯ୍ୟ
ମୋ' ଭବିଷ୍ୟତ ଆଉ, ସ୍ୱପ୍ନ ।

ତମେ କ'ଣ ସ୍ଥାଣୁ !!!

ଯଦି ହଁ, ତେବେ କାହିଁକି
ତମ ନାମ ଧରି ଡାକିବି
କରିବି ଆକୁଳ କ୍ରନ୍ଦନ ?
କୋଉ ଆମ୍ ପ୍ରତ୍ୟୟରେ
ସମର୍ପଣ କରିବି ନିଜକୁ
ତମ ଚରଣରେ ସୁରକ୍ଷା ନିମନ୍ତେ !!

ତମେ ଯେମିତି ଅବିଚଳିତ
ମୋ' ଦୁଃଖକୁ ଦେଖି
ମୁଁ ଏବେ ସେମିତି ନିଃସ୍ପୃହ
ମୋ' ଭାଗ୍ୟକୁ ନିନ୍ଦି
ତମ ଭରସା ଅପେକ୍ଷା ବରଂ ଭଲ
ସମୟ ହାତରେ ଛାଡିଦେବି
ମୋ' ଭାଗ୍ୟର ଡୋରୀ ।

ଯୁଆଡେ ନେଲେ ବି
ରହିବି ନିରୁଦ୍ ବେଗ
ତମେ ଏବେ ମୋ ଜଂଜାଳରୁ ମୁକ୍ତ
ବସିଥାଅ ରତ୍ନସିଂହାସନେ
ପାଷାଣ ମୁଦ୍ରାରେ;
ମୁଁ ଆଉ ନାହିଁ ତବ
ଦୟାର ଅପେକ୍ଷାରେ
ହେ ପ୍ରିୟ ଈଶ୍ୱର !!!

ସଂପାଦିକା - ଶିଳାଶ୍ରୀ
ଭୀମଟାଙ୍ଗୀ -୧, ଭୁବନେଶ୍ୱର

# ହାତଠାରି ଡାକେ ମୋ' ଗାଁ ମାଟି



**ଆରାଧନା ଦାଶ**

ହାତଠାରି ଡାକେ ମୋ' ଗାଁ ମାଟି
 ସେ ମାଟି ମୋ' ପାଇଁ ସରଗ ସମ,
ଭୁଲି ପାରିବିକି ତା'ର ମୋହ ମାୟା
 ଯେଉଁଠାରେ ନେଇଥିଲି ଜନମ।
ଯାହା ଦାଣ୍ଡଧୂଳି ହୋଇ ମୁହିଁ ବୋଳି
 ଖେଳୁଥିଲି ଖେଳ ଗାଁ ଦାଣ୍ଡରେ,
କେତେ ସ୍ମୃତି ତା'ର ସାଇତା ହୋଇଛି
 ଗୋଟିଗୋଟି ହୋଇ ମୋର ମନରେ।
ରଜ ଦୋଳି ଆଉ ବୋହୂଚୋରି ଖେଳ
 କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗା ଭସାରେ,
ମନେପଡେ ପୁଣି ପଞ୍ଚୁ ଦୋଳ ହୋଲି
 ରଙ୍ଗ ବୋଳାବୋଳି ସାଥୀ ମେଳରେ।
ବୁଢୀମାଆ ଗପ ବୋଉ ପୋଡ଼ ପିଠା
 ସପନ ହୋଇଛି ଆଜି ମୋ' ପାଇଁ,
ବାପାଙ୍କ ଆକଟ ଗୁରୁଜୀଙ୍କ ଛାଟ
 ଖୋଜିଲେ ଆଉ କି ମିଳିବ କାହିଁ।
ନୂଆ ପୋଖରୀରେ କଇଁର ପସରା
 ଜହ୍ନ ଆଡେ ଚାହିଁ ମୁରୁକି ହସେ,
ପୁରୁବ ଆକାଶେ ସିନ୍ଦୂରା ଫାଟିଲେ
 ବାଳ ସୁରୁଯଙ୍କ ମୁହଁଟି ଦିଶେ।
କଳକଳ ନାଦେ ବ୍ରାହ୍ମଣୀ ବହଇ
 ମୋ' ଗାଁ ପବିତ୍ର ମାଟିକୁ ଛୁଇଁ,
ଲୋଟେଇ ଦେଇଛି ଅବଶ ଶରୀର
 ସମାଜର ହିତ ସାଧନ ପାଇଁ।
ଗାଁ ତାଳ ବଣେ ବାୟାଚଢ଼େଇର
 ବସା ଝୁଲୁଥାଏ ବାଆ ବତାସେ,
କିଆ ଗୋହିରିରୁ ହୁକେ ହୋ' ଡାକ
 ଶୁଭିଯାଏ ଯେବେ ରାତିଟି ଆସେ।
ମନେ ପଡେ ପୁଣି ଭଗବତ ଟୁଙ୍ଗି
 ଦୁଃଖୀ ସାଆନ୍ତଙ୍କ ଭଜନ ପନ୍ତୀ,
ମଠ ମଣ୍ଡପରେ ଲାଗଇ ଗହଳି
 ଅଶିଣରେ ଯେବେ ଦୁର୍ଗା ଆସନ୍ତି।
ମୋ' ଗାଁ ମୋ' ପାଇଁ ସରଗ ସମାନ
 କିଏ ଅଛି ଅବା ତାହାର ସମ,
ଛୋଟ ହେଲେ ବି ସେ ମୋ' ପାଇଁ ମହାନ
 ତା' କୋଳରେ ନେବି ଶହେ ଜନମ।

ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ଆମ କବିତା

# ପ୍ରୀତିରାଗ



**ରଞ୍ଜିତା ମିଶ୍ର**

କେତେବେଳେ କୁହ ଉଁ
କେତେବେଳେ କୁହ ହୁଁ
ସେଇ ଉଁ ଆଉ ହୁଁ ର
ବନ୍ଧନୀ ଭିତରେ
ବନ୍ଧା ପଡିଯାଏ 'ମୁଁ ' ।
ଉଁ...... ହୁଁ ଦୁଇଟି ଅକ୍ଷରରେ
ସମାହିତ ତୁମେ ଆଉ ମୁଁ ।

ତୁମ 'ଉଁ' ରେ ଭରିଥାଏ
ଅସରନ୍ତି ପ୍ରୀତିରାଗ
'ହୁଁ' ରେ ଝରୁଥାଏ ତୁମ
ହୃଦୟର ଅମାପ ସରାଗ
ସେଇ ଛୋଟ ଦୁଇଟି ଶବ୍ଦର
ସମ୍ମୋହନ ଭୁଲିଯାଏ
ଜୀବନର ଯେତେକ ବିରାଗ ।

କିନ୍ତୁ ତୁମ ଓଠରେ ଯେବେ
ଛାଇଯାଏ ଗହନ ନୀରବତା
ମୋ' ମନର ବେଳାଭୂମିରେ
ମଥାପିଟେ ଉର୍ମିର ବ୍ୟାକୁଳତା ।
ଛୁଇଁଦେଲେ ଯେବେ ତୁମେ ସରମରେ
ବୁଜିଦିଅ ଦୁଇ ଆଖିପତା
ରେ ମୋର ଲାଜକୁଳୀ ଲତା,
ମୋ' ତନୁରେ ଖେଳିଯାଏ
ମିଳନର ମତୁଆଲା ବାସ୍ନା
ବେପଥୁରେ ଭୁଲେ ମୋ' ଅସ୍ମିତା ।

ତୁମେ ତ ଅଳସୀ ନଈ
ଚପଳ ଛନ୍ଦରେ ଆସି
ଅଳସ ଭାଙ୍ଗ ମୋ' ବକ୍ଷେ,
ମୋ' ସହିତ ଯାଅ ମିଶି,
ଇନ୍ଦ୍ରଧନୁର ରଙ୍ଗ ବିଞ୍ଚି,
ଅଥୟ କର ମୋତେ
ସାଗର ମୁଁ, ଭିଡିନିଏ କୋଳେ,
ତୃଷ୍ଣା ମେଣ୍ଟେ ତୃପ୍ତ ହୁଏ,
ଶାନ୍ତହୁଏ, ତମର ସେ
ମୁଗ୍ଧ ସମର୍ପଣେ
ଅସରାଏ ଖୁସି ଦିଅ ସିଞ୍ଚି ।

ବଇଣ୍ଡା, ଅନୁଗୋଳ



# ତୁମ ନୀରବତା....

## ସୁକାନ୍ତି ମିଶ୍ର

ନୀରବତା ତୁମ ସଞ୍ଜ ଓଠେ ଯେବେ
ଜହ୍ନିଫୁଲ ହୋଇ ଫୁଟେ
ଜହ୍ନ ଯାଏ ହଜି ଅନୁରାଗେ ଭିଜି
ଲାଜରଙ୍ଗା ନଈତୁଠେ......(୦)

ଗଢିଦିଏ ତୁମ ପ୍ରୀତି କୋଣାର୍କର
ଅନୁପମ କଳାକୃତି
ମଉନ ଆଳାପେ ଏ ଭଙ୍ଗାମନର
କରିଦିଏ ମରାମତି.....
ଖୁସି ସବୁ ଯେତେ ଚିକିମିକି ଝଳି
ତାରାଫୁଲ ହୋଇ ଫୁଟେ
ଲାଜରଙ୍ଗା ନଈତୁଠେ......(୧)

ଆଣିଦିଏ ଖୋଜି କଥାକୁହା ଆଖି
ସେଇ ହସ ମନଚୋରା...
ସାତରଙ୍ଗ ଝୋଟି ତୃଷ୍ଣାତୁଳୀରେ
ଆଙ୍କିଦିଏ ଅପାଶୋରା
ଢେଉ ଆଲିଙ୍ଗନେ ହଜିଯାଏ ନଈ
କୁଳୁକୁଳୁ ମିଠା ଗୀତେ
ଲାଜରଙ୍ଗା ନଈତୁଠେ.....(୨)

ଅଳିକରି କେତେ ବିଭୋର ସଞ୍ଜଟି
ଆବେଗରେ ଡାକେ ଆ'
ମହକିଯାଏ ଏ ମନର ଅଗଣା
ମହକେ ଋତୁର ଗାଆଁ....
କଇଁ ଅଭିସାରେ ନିଦହରା ରାତି
ପ୍ରୀତିର ସୁରଭି ବାଣ୍ଟେ
ଲାଜରଙ୍ଗା ନଈତୁଠେ....(୩)

"ସମ୍ପର୍କ "
ସାରସ୍ୱତ ନଗର , ସିଦ୍ଧମହାବୀର, ପୁରୀ



# ତୁମକୁ ଦେଖିଲା ପରେ

**ସୌମ୍ୟଶ୍ରୀ ପଣ୍ଡା**

ଏକି ଆକର୍ଷଣ ହୃଦରେ କମ୍ପନ ରହୁନି ମୁଁ ଆୟତ୍ତରେ
ଚିତ୍ତ କଲ୍ଲୋଳିତ ପ୍ରାଣ ବିମୋହିତ ତୁମକୁ ଦେଖିଲା ପରେ ।

ନବ ଉନ୍ମାଦନା ମୁଠେ ସମ୍ଭାବନା ମନକୁ ଅଧିର କରେ
ଚକୋର ପରାୟେ ପ୍ରେମର ଜ୍ୟୋତ୍ସ୍ନାକୁ ଚାନ୍ଦିନୀରାତିରେ ଝୁରେ ।

ପ୍ରୀତି ଉଷ୍ମତାରେ ଦେହେ ତାତି ବଢେ ରାତି ବିତେ ଉଜାଗରେ
ଏକି ଆକର୍ଷଣ ହୃଦରେ କମ୍ପନ ରହୁନି ମୁଁ ଆୟତ୍ତରେ ।

ପହିଲି ଦେଖାରେ ଏତେ ଶିହରଣ ଆନନ୍ଦେ ମନ ଉଚ୍ଛନ୍ନ
ସତେ ବା ଯେମିତି ଉଆଁସ ଆକାଶେ ଉଇଁଛି ପୁନେଇଁ ଜହ୍ନ ।

ମିଠା ଅନୁଭବ ଆଞ୍ଜୁଳେ ଆବେଗ ପ୍ରାଣକୁ ଅସ୍ଥିର କରେ
ମୁଁ ରହେ ନାହିଁ ମୋ' ନିଜ ଭିତରେ ଭାବନା ଭିତରେ ବୁଡ଼େ ।

ଦୁଇ ପ୍ରେମପକ୍ଷୀ ହୋଇଲେ ଏକାଠି ମିଳନର ମଧୁ କ୍ଷରେ
ଚିତ୍ତ କଲ୍ଲୋଳିତ ପ୍ରାଣ ବିମୋହିତ ତୁମକୁ ଦେଖିଲା ପରେ ।

ପ୍ରତୀକ୍ଷାର ଝାଞ୍ଜି ଜାଳୁଥିଲା ନିତି ବସନ୍ତଟା ଯିବା ପରେ
ଏବେ ବୈଶାଖରେ ମଳୟ ବହୁଛି ତୁମକୁ ଦେଖିଲା ପରେ ।

**ପ୍ରଧାନ ଶିକ୍ଷୟିତ୍ରୀ (ଓଡ଼ିଶା ଶିକ୍ଷା ସେବା)**
**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନରସିଂହପୁର, କଟକ**

# ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି



**ତାରାପ୍ରସାଦ ଜେନା**

ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି
ଛାଇ ନିଦ ସପନରେ ଆସିଥିଲା କାଲି
 ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି । ୦ ।

ତୋଫା ଜହ୍ନ ରଙ୍ଗ ପରି ଗୋରା ଗୋରା ଦେହ
ଫୁଲ ଭଳି ବାସୁଥିଲା ମିଠାମିଠା ସ୍ନେହ
ବେଣୀ ତାର ତାରା ଫୁଲ ଝଟକିଲା ଖାଲି
 ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି । ୧ ।

ହସ ତାର ଲକ୍ଷେ ହୀରା ଅନୁରାଗ ଲାଜ
କଥା ତାର କାହାଣୀର ବେଶ ବାସ ସଜ
ମୋର ମନ ଦୋଳା ସତେ ବସିଥିଲା ଝୁଲି
 ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି । ୨ ।

ଠାର ତାର ଯାଦୁକରୀ ମୋହ କାଳେ ଲୋଭ
ଭାବୁଥିଲି ମୋର ଲାଗି ସେଇ ଏକା ଶୁଭ
ପ୍ରିୟା ବୋଲି ଡାକିଦେଇ ନିଜେ ଧନ୍ୟ ହେଲି
 ଚାରି ହାତ ଲମ୍ବା ବାଳ, ଦଶ ହାତ ଚାଲି । ୩ ।

**ରାଜ ରଣପୁର, ଜିଲ୍ଲା-ନୟାଗଡ଼**

ଆମ କବିତା



# ମୁଁ ଏମିତି ଜଣେ ପାପୀ

**ଦିବାକର ନାୟକ**

ମୁଁ ଏମିତି ଜଣେ ପାପୀ
ଦାନ କଲେ ପାପ
ଧର୍ମ କଲେ ପାପ
ଜାଣେନା କି କର୍ମ କଲେ
ବୋଲାଇବି ତପୀ ।।୦।।

ଚାଲିବା ପାଇଁ ଭରସା କଲି
ଯେଉଁ ବାଟକୁ ଆଜି
ଭୁଲ୍ ଠିକଣା ଦେଲା ସେ ମୋତେ
ଆଶା ମୋ' ଗଲା ଭାଜି

ମୁଁ ଏମିତି ଜଣେ ପାପୀ
ମୁଁ ଜପ କଲେ ପାପ
ମୁଁ ଧ୍ୟାନ କଲେ ପାପ
ଜାଣେନା କି ପୂଜା କଲେ
ବୋଲାଇବି ତପୀ..
ମୁଁ ଏମିତି ଜଣେ ପାପୀ ।।୧।।

ଅନ୍ତର କଥା କହିଲି ଯା'ରେ
ସାଜିଲା ଅଣ୍ଟି ଛୁରୀ
କୂଳ ଆଗରୁ ବୁଡ଼େଇ ଦେଲା
ମୋ' ବିଶ୍ୱାସ-ତରୀ

ମୁଁ ଏମିତି ଜଣେ ପାପୀ
ମୁଁ ଆହା କଲେ ପାପ
ମୁଁ ସାହା ହେଲେ ପାପ
ଜାଣେନା କି ଆଶ୍ରା ଦେଲେ
ବୋଲାଇବି ତପୀ..
ମୁଁ ଏମିତି ଜଣେ ପାପୀ ।।୨।।

ଆଉ ଜଣକୁ ଜିତେଇବାକୁ
ହାରିଲି ଯେବେ ବାଜି
ଦୁର୍ବଳରେ ଗଣା ହେଲି ମୁଁ
କହିଲେ ମୋତେ ପାଜି

ମୁଁ ଏମିତି ଜଣେ ପାପୀ
ମୁଁ ସହିଗଲେ ପାପ
ମୁଁ କହିଦେଲେ ପାପ
ଜାଣେନା କି ଆଚରିଲେ
ବୋଲାଇବି ତପୀ..
ମୁଁ ଏମିତି ଜଣେ ପାପୀ ।।୩।।

**ପାଟପୁର, କନିସି**
**ଗୋଳନ୍ଥରା, ଗଞ୍ଜାମ**



# ଅଧାବୁଜା ଆଖି

**ରମେଶ ମଙ୍ଗରାଜ**

ଅଧାବୁଜା ଆଖି ଅନ୍ଧ ପାଲଟିଛି
ଅଧାଜଳା ଏବେ ଦେହ
କେଜାଣି କାହିଁକି କାହା ପାଇଁ ଝରେ
ଆଖିରୁ ଦି' ଟୋପା ଲୁହ ।୦।

ଆଖି ଚାହିଁଥିଲା ସାତରଙ୍ଗ ମାଖି
ଦେହକୁ ରଙ୍ଗେଇ ଦେବ
ଦେହ ଦେହଳୀର ଅଚିନ୍ତା ପିଣ୍ଡିରେ
ସପନକୁ ଶୁଆଇବ
ନିଦ ମାଉସୀ ତା' ହାତ ଥାପୁଡ଼ାଇ
ବୋଳିବ ସରାଗ ସ୍ନେହ ।୧।
ଅଧାବୁଜା ଆଖି.....

ଆଖର ସପନ ଆଖିରେ ରହିଲା
ହୋଇ ପାରିଲାନି ସତ
କଅଁଳିଆ ଦେହ ଅଧାଜଳା ହୋଇ
ହୋଇଗଲା କଳଙ୍କିତ
ଲୁହଭିଜା ଆଖି ଅଧାବୁଜା ହୋଇ
ଛାତିରେ ଜାକିଛି କୋହ ।୨।
ଅଧାବୁଜା ଆଖି.....

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା



# ନୀଳ ନିଶୀଥର ସ୍ୱର

**ପୂର୍ଣ୍ଣ ଦାସ**

ତୋ' ମିଠା ପାପରୁ ମୁଠାଏ ଧରି ମୁଁ
ମହୁମୁହାଣରେ ବୁଲେ,
ତୋ' ଓଠ ଆଉ ଆଖିର ମିଠାରେ
ଚଇତ ବି ବାଟଭୁଲେ ।

ଥରଥର ତୋର ଓଠରେ ସେଥର
ଦେଇଥିଲି ଯେଉଁ ଚୁମା,
ସେଇ ଚୁମା ଲୁହ ଭିଜାଇ ମୋ ଦେହ
ପାପୁଲିରେ ହୁଏ ଜମା ।

ତୁ ଧୋଉଥିଲେ ଜହ୍ନ ଆଲୁଅରେ
ତୋର ମଖମଲୀ ଦେହ ,
ଏପାଖରେ ଭୋକ, ସେପାଖରେ ଦୁଃଖ
ମଝିରେ ମୁଁ ତୋପେ ଲୁହ ।

ଉଷାରୁ ପେଇଲୁ କି ନିଶା ସଜନୀ
ନିଶାରେ ପାହିଲା ରାତି,
ନିଶା-ନିଶି ସିନା ସରିଗଲା ସଖୀ
ମରୁନି ଦେହର ତାତି ।

ଜହ୍ନ ମନ ଆଉ ପାଗଳ ପବନ
ବେଳା ଛୁଇଁ ଯାଏ ଫେରି,
ଶୂନ୍ୟତା ଯେବେ ଘେରିଯାଏ ମତେ
ତତେ ମୁଁ ହୁଏଲୋ ଝୁରି ।

**କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର**

# ସାଉଁଟିବା - ଜୀବନର ଅନ୍ୟ ନାମ



**ରାଜାରାମ ବେହେରା**

ସାଉଁଟି ସାଉଁଟି ଥକି ଗଲିଣି ମୁଁ
ଅଣ୍ଟି ମୋର ପୂରୁ ନାହିଁ,
ଗୋଟିଗୋଟି କରି ଯେତେ ଗୋଟାଉଛି
ଗୋଟାଇବା ସରୁ ନାହିଁ !
ଖଟା, ମିଠା ସ୍ୱାଦ ଭେଦ ନ ବିଚାରି
ଯତନେ ଅଣ୍ଟିରେ ଥୋଇ,
ସମତୁଲ କରି ସବୁ ଅନୁଭବ
ସାଦରେ ଆଦରି ନେଇ !
ବିଜୟେ ଉଲ୍ଲାସ, ପରାସ୍ତେ ଉଦାସ
ମୃତ୍ୟୁରେ ବ୍ୟଥିତ ହୋଇ,
ଝରିଛି ଲୋତକ, ମିଳନେ ପୁଲକ
ତନୁ, ମନ ଶିହରାଇ !
ବିଚ୍ଛେଦେ ବିଷାଦ ଘାରିଛି ହୃଦୟେ
ପ୍ରିୟ, ପରିଜନ ପାଇଁ,
ହଜେଇ-ପାଇବା ଜୀବନ ଯାତ୍ରାର
ମିଶାଣ-ଫେଡ଼ାଣ ଦୁଇ !
ଜୀବନ ସଞ୍ଜରେ ବସି ନିକାଞ୍ଚନେ
ହିସାବ କରୁଛି ମୁହିଁ,
ଗୋଟିଗୋଟି କରି ଯେତେ ଗୋଟାଉଛି
ଗୋଟାଇବା ସରୁ ନାହିଁ।

ଶକ୍ତି ନଗର, ଖୋର୍ଦ୍ଧା

ଆମ କବିତା



# ମାଦକତା

## ଆଶୁତୋଷ ମେହେର

ଓଠର ଲାଳିମା ଆଖିର ଚାହାଣୀ କବରୀର ମାଦକତା
ବଖାଣି କହନ୍ତି ପ୍ରେମ ରାଇଜରେ ଭରା ଯେତେ ଗହୀରତା ।୦।

ଓଠ ନାଲି ରଙ୍ଗ ହୃଦୟକୁ ଛୁଇଁ ବୋଳିଦିଏ ପ୍ରେମରଙ୍ଗ
ବଖାଣି କୁହେ ତ ଗହନ ବାରତା କରି ସବୁ ମୋହଭଙ୍ଗ
ମନ ଗାଇ ବୁଲେ ସେ ରଙ୍ଗ ପରଶେ ଭାଙ୍ଗି ସବୁ ନିରବତା।୧।।

ଆଖି ଗହୀରତା ମାପି ତ ହୁଏନା ନୀଳ ସାଗରର ପ୍ରେମ
ଦୁଇ ବୁନ୍ଦା ଲୁହ ଓଲଟ ପାଲଟ କରି ଭାଙ୍ଗେ ସବୁ ଭ୍ରମ
ସେଇ ତ କାହାଣୀ ଆଖିର ଚାହାଣୀ ଜୀବନର ସରସତା ।।୨।।

କବରୀ କବିତା ଝରି ପଡ଼ିଥାଏ କବିର କଲମ ଗାର
କଳା ମେଘ କିବା ଓହ୍ଲାଇ ଆସିଛି ଦେଖାଇ ତା' ଆଡମ୍ବର
ଧୀର ମଳୟରେ କୁନ୍ତଳର ଛାଇ ପ୍ରେମର କିମିଆ ବାର୍ତ୍ତା ।।୩।।

୫୪, ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ , ଭୁବନେଶ୍ୱର



# ଶୃଙ୍ଖଳ

**ରାଜେଶ କୁମାର ମୁଣ୍ଡ**

ଯା'
ଖୋଲିଦେଲି ଶୃଙ୍ଖଳ
କେତେ ଉଡ଼ିବୁ ଏଥର ଉଡ଼ ।

କେତେ ଆଉ ଦୌଡ଼ିବୁ
ମିଛ ମରୀଚିକା ପଛରେ,
କେତେ ଆଉ ଜୀଇଁବୁ
ଜୀବନ ଜଞ୍ଜାଳର ଯନ୍ତ୍ରଣାରେ ।

ଆଉ ଫେରନା
ନ ହେଲେ ପୁଣି ଫସିବୁ
ମାୟାମୃଗର ମହକରେ ।
ଖୋଲି ଦେ ପାଦର ଘୁଙ୍ଗୁର
ଫିଙ୍ଗିଦେ ତମାମ୍ ପ୍ରେମିକାପଣକୁ
ନିର୍ଝରିଣୀର ନିନାଦରେ ।
ସମୟର ସୁରରେ ଏବେ
ଗାଇ ଯା', ନୂଆ ଲୟରେ
ନୂଆ ତାଳରେ ।

ମୁଁ ବି ଅକ୍ଷମ
ଆଉ ପାରୁନି
ଛଳନାର ଛାୟାମୃଗକୁ
ଛନ୍ଦିବା ପାଇଁ ।

ଯା'
ଯୁଆଡ଼େ ଯାଉଛୁ
ଖୋଲିଦେଲି
ମିଛ ସମ୍ପର୍କର ବେଡ଼ି,
କିନ୍ତୁ ଦେଇ ଯା'
ଯେତେ ସବୁ ନୀଳତମ ଦୁଃଖ ।

**ଧର୍ମଗଡ଼, କଳାହାଣ୍ଡି**

# ସଂଧ୍ୟା ତୁମେ

## ଅଭିଷେକ ମହାରଣା

ସଂଧ୍ୟା ଗୋ ତୁମ କମନୀୟ କାନ୍ତି
ଶାନ୍ତିସ୍ତୁପ ଆରାଧନା
ରକ୍ତାଭ କପାଳେ ଅସ୍ତ ଅରୁଣିମା
ନବବଧୂ ବନ୍ଦାପନା
ସଂଧ୍ୟା ତୁମେ ଅନୁପମା
କ୍ଲାନ୍ତକ୍ଲାନ୍ତ ତନୁ କ୍ଲାନ୍ତିରେ ଶୋଭିତ
ଲମ୍ଫି ପ୍ରତୀକ୍ଷାର ସୀମା।।

ମୃଦୁ ସମୀରଣ ବହଳ ତୃପ୍ତିରେ
ଦୂର ମଧୁଘୋଷ ସ୍ୱନ
ଦିବସ ହୁଙ୍କାର ତୁମ ବିରହରେ
ମୁନି ଋଷି ତପ ଧ୍ୟାନ
ନବ ପୁଲକିତ ମନ
ଅବଶ ଜୀବନ ଉଷ୍ଣ ନିଃଶ୍ୱାସରେ
ସ୍ମରଣୀୟ ତୁମ ଚିହ୍ନ।।

ଶୁଭ୍ର ସରସିଜ ଶୋଭାରେ ଶୋଭିତ
ନଳିନୀ ନୀରରେ ଯହିଁ
ଦଗ୍ଧଦଗ୍ଧ ତନୁ ଦଗ୍ଧ ତା' ବଦନ
ପ୍ରତିବିମ୍ବ ଦେଖେ କେହି
ନିୟତି ନିୟମ ଏହି
ନିଶିଏ ପ୍ରତୀକ୍ଷା ହୃଦ ଥରହର
ଶତାବ୍ଦ ଲାଗଇ ଯହିଁ।।

ପ୍ରୀତି ଯବନିକା ଗୋଧୂଳି ଗନ୍ଧରେ
ଠକଠକ ଟିପା ଶବ୍ଦ
ଘଣ୍ଟ ହୁଳହୁଳି ଓଁକାର ଆଳତୀ
ଗୀତା ଭାଗବତ ବେଦ
ଭକ୍ତିପୂତ ଭାବାବେଗ
ଅବତରି ଆସେ ଶୀତଳ ଚନ୍ଦ୍ରମା
ନୀଳୋତ୍ପଳ ଅଭିଯୋଗ।।

ଅନ୍ତଃ ଅନୁରାଗ ସରଗ ସରାଗ
ବିଚ୍ଛେଦ ମିଳନ ରାଗ
ଜୀବନ ମୃତ୍ୟୁର ସଙ୍ଗମ ସନ୍ଧ୍ୟା ଗୋ
ଦୁଃଖସୁଖ ଭୋଗ୍ୟା ଭୋଗ
ଅପୂର୍ବ ଏ ଯୋଗାଯୋଗ
ଏ ମର୍ତ୍ତ୍ୟ ଲଭଇଁ ସ୍ୱର୍ଗର ଗାରିମା
ପ୍ରୀତିମୟ ତୁମ ପାଗ।।

ପ୍ଲଟ୍ ନଂ- ୧୭୧୪/ଏ, ନନ୍ଦ ରତନ ଇଞ୍ଜିନିୟରିଂ ଭିଲାଡ୍,
ଭାଲସାଦ୍, ଗୁଜରାଟ

# ଚେନାଏ ହସ

## ଡାକ୍ତର ବିଧୂତ୍ ଶେଖର ମିଶ୍ର

ଚେନାଏ ହସ !
କାହା ପାଇଁ ଚିର ଆକାଂକ୍ଷିତ
ପୁଣି କେଉଁଠି ପାଲଟେ ବିଷ !!
ଚେନାଏ ହସ !
ମୁକ୍ତା ପରି କେବେ ଝରିପଡେ
ଅବା ପିତ୍ତଳର ଅବଶେଷ !!
ଚେନାଏ ହସ !!
ଝରିପଡେ କେବେ ଚାନ୍ଦିନୀ ରାତିରେ
ଅବା ଅମାବାସ୍ୟାର ଅଟ୍ଟହାସ୍ୟ !!
ଚେନାଏ ହସ !!
ଉକୁଟି ଉଠଇ ଭୋକିଲା ପେଟରେ
ଲଭି ପରିତୃପ୍ତିର ଅବଶୋଷ !!
ଚେନାଏ ହସ !!
କାହାପାଇଁ ଦେଖ ଲୁହରେ ସାଉଁଟା
ସପନ ରେ ଗଢା ଦେଶ !!
ଚେନାଏ ହସ !!
ଉଙ୍କିମାରେ କେବେ ପ୍ରୀୟା ଅଧରରେ
ଝରୁଥିଲେ ପ୍ରୀତି ରସ !!
ଚେନାଏ ହସ !!
ଅସମୟେ କେବେ ଫୁଟି ଉଠେ ସିନା
ମନରୁ ଲିଭେନା କ୍ଲେଶ !!

ଉପ-ନିର୍ଦ୍ଦେଶକ,
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ, ପାରଳାଖେମୁଣ୍ଡି

# ଅତୀତ, ବର୍ତ୍ତମାନ ଓ ଭବିଷ୍ୟ



**ବିନୟ ମିଶ୍ର**

କିଛି ଭୁଲା କିଛି ଅଭୁଲା ସ୍ମୃତିରେ,
ଅତୀତ ସଜେଇ ହୁଏ,
କିଛି ଦୁଃଖ, କିଛି ସୁଖ ଅନୁଭୂତି,
ଗୁନ୍ଥା ହୋଇ ରହିଥାଏ।

କିଛି ଆଶା କିଛି ଆଶଙ୍କାକୁ ନେଇ,
ଭବିଷ୍ୟ ସଜେଇ ହୁଏ,
କିଛି ମିଳେ, କିଛି ପୁଣି ହଜିଯାଏ,
କର୍ମଫଳେ ଫଳିଥାଏ ।

ସୁନ୍ଦର କେବଳ ବର୍ତ୍ତମାନ ସିନା,
ଆଜିରେ ବଞ୍ଚିବା ଭଲ,
ଅତୀତ, ଭବିଷ୍ୟ ହାତେ ନାହିଁ ଯେବେ,
ସେହି ଚିନ୍ତା ଛାଡି ଚାଲ ।

ପ୍ଲଟ ନଂ- ୧୬୪, କୋପରେଟିଭ୍ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



# ତୁମେ

**ଶୈଳେନ୍ଦ୍ର ନାରାୟଣ ବେହେରା**

ତୁମେ
କିଏ ତୁମେ ?
ମୋ' ଭିତରେ ଛୁପିଥିବା ତୁମ ଛବି ନୁହେଁ ତ!

ଅପରିଚିତା !
ତୁମେ ସେହି ମୋ' ଅନ୍ତରର କାବ୍ୟ ନୁହଁ ତ
ହୃଦୟକୁ ଶୀତଳତାରେ ଭରି ଦେଉଥିବ।

ମଉସୁମୀ !
ତୁମେ ସେଇ ପୁନେଇ ଜହ୍ନ ନୁହେଁ ତ
ମୋତେ ଜୋଛନାରେ ଘୋଡ଼େଇ ଦେଉଥିବ।

ପ୍ରଗଲ୍ଭା !
ତୁମେ ସାଗରରେ ଲୁଚିଥିବା ଅମୃତ ନୁହଁ ତ
ସ୍ମୃତିର ନୌକାରେ ଲୁଚି ଟିକେଟିକେ ପିଆଉ ଥିବ।

ଅନୁଭା !
ତୁମେ କୈଶୋରର ରଙ୍ଗୀନ ସ୍ୱପ୍ନ ନୁହଁ ତ
ହୃଦୟର ଅନ୍ଧିକୃତ ଦୁଃଖକୁ ଲୋପ କରି ଦେଉଥିବ।

ସ୍ନିଗ୍ଧା !
ତୁମେ ମନ ଗହୀରର ମଉନାବତୀ ନୁହଁ ତ
ମୋ' ଆଡ଼େ ଚାହିଁଦେଇ ଲାଜେଇ ଯାଉଥିବ।

ସନ୍ଧ୍ୟା !
ତୁମେ ଗୋଧୂଳି ବେଳାର ପଳାଶ ରଙ୍ଗ ନୁହଁ ତ
ଅଦିନ ମେଘର ଝିପିଝିପି ବର୍ଷାରେ ଭିଜି ଯାଉଥିବ ।

**ସାମନ୍ତରାପୁର, ଭୁବନେଶ୍ୱର**

# ମୁଠି



**ପ୍ରଜ୍ଞା ମହାନ୍ତି**

ଦେଖି, ଦେଖି, କ'ଣ ସବୁ
ରଖିଛ ମୁଠାଇ !
ଚମକି ପଡି ଚଟକରି
ଖୋଲିଦେଲି ମୁଠି
ନାଁ ଥିଲା ଚାବିକାଠି
ନାଁ ମୁଠେ ଅଖିମୁଠି
ଏବେ ମୋ' ମୁଠାଖୋଲା
ଧେତ୍ ଖାଲିମୁଠା....
ମୁଠାଇବାର କ'ଣ ଥିଲା !
ଥିଲା, କିଛି ନିବିଡ଼ ସରାଗ
ତମେ ଦେଖିପାରିଲନି
ମୋ' ସରଗେ ସରାଗ ଉଡିଗଲା।
ଏବେ ମୁଠାରେ ନୁହେଁ
ମନରେ ବହେ ଭାବହୀନ ଭାବ,
ଝାଉଁଳା ଭାବକୁ ଦେଖି
ପଚାରି ସେ ଦେଲା
ଏଠି କ'ଣ ଅଛି ଯେ,
କ'ଣ ନେଇ ଆସିଥିଲୁ ଆଉ,
କ'ଣ ନେଇଯିବୁ ଭଲା !!!

ମାତୃ ନିବାସ, ମାତୃବିହାର,
ବୁଢ଼ାରାଜା, ସମ୍ବଲପୁର



# ଦୁଃଖର ସ୍ତବକ

**ଅଂଜଳି ଦାସ**

ଦୁଃଖ ତ ଏମିତି ଏକ ଶବ୍ଦଟିଏ
ଯାହା ଦୋହଲାଉ ଥାଏ
ହୃଦୟର ତନ୍ତ୍ରୀକୁ ବାରମ୍ବାର।

ଦୁଃଖ- ଏମିତି ଏକ କାରୁଣ୍ୟର ଉପହାସ
ରଚୁଥାଏ ଖାଲି
ଅନ୍ତରରେ ଅବସୋସ ।
ଦୁଃଖ- ଏମିତି ଏକ ରୂପ
ଭାବ ଅଭାବର ଦୃଶ୍ୟପଟ
ନିଜେ ହିଁ ଚିତ୍ରିତ ହୁଏ
ଘଟଣା ଦୁର୍ଘଟଣାର ପ୍ରତିରୂପ ।

ନିଜଠାରେ ସମାବିଷ୍ଟ ହୁଏ ସରାଗରେ
ଦୁଃଖ ଏମିତି ଏକ ଚିଜ
ଯାହା ଦୁର୍ଭାଗ୍ୟର କଳାଛାଇ ପରେ
ନିରାଶାର ବାଲିରେ ଚାଲିବାକୁ ହୁଏ.......

ନା କିଛି କହିହୁଏ
ନା କିଛି ସହିହୁଏ
ଦୁଃଖର ସ୍ତବକରେ କଟୁଥାଏ
ସାରା ରାତି ସାରା ଦିନ..........

**ପାଟଳଦା, ଅସ୍ତରଙ୍ଗ, ପୁରୀ**

# ଜଳକା



ସୁମିତା ବେହେରା ବାପି

ବୋଝିଆ ମୁଣ୍ଡରେ ବୋଝ ଲଦିଦେଇ
ଯିଏ ଯାହା ବାଟେ ଗଲେଇଁ,
ଟାଇଁଟାଇଁ ଖରା ପୁଞ୍ଜୁଳା ପାଦରେ
କେତେ କଲବଲ ହେଲାଇଁ।

ପେଜୁଆ ଆଖିରେ ବାଟ ଚାହିଁଥିବ
ସାତସିଆଁ କନ୍ଥା ଘୋରେଇ,
ନୁଖୁରା ଦେହରେ ପେଟର କୁହାଟ
ଫେରିଆରେ, ବେଗେ ସନେଇ !

ପେଜ ତୋରାଣିକୁ ଆଶା ନାହିଁ ଯା'ର
ପଥି ଚୋପେ ସାତ ସପନ,
ବେଇଗି ବେଇଗି ପାଦ ପକେଇବୁ
ନ ହେଲେ ସଂସାର ଉଚ୍ଛନ୍ନ।

ବୋଝରେ ଥିଲା ତୋ' କ୍ଷୀରି, ସରପୁଳି
ଡ଼ାଲେମା, ବେସର, କାନିକା,
ତୋ' ଘରେ ବାପୁଡ଼ା ! ଭୋକର ତାଣ୍ଡବ
ଗେରସ୍ତ ଭାରିଯା' ଜଳକା ।

ସାମନ୍ତରାପୁର, ଭୁବନେଶ୍ୱର

# ବିରହିଣୀ ରାଧା

**ବନଜା ପ୍ରଧାନ**

ଆଜି କିଆଁ ମୋ' ମନ ଉପବନେ ଏତେ କଳରବ ?
ବସନ୍ତ ଆସିଲା କି ?
ଲଳିତା ଗୋ
ମଳୟର ସମୀରଣ ଆଜି କିଆଁ ଏତେ ମିଠା ?
କହ୍ନେଇର ବଂଶୀସ୍ୱନ ଶୁଭୁଛି କି ?
ମହମହ ବାସ୍ନାରେ କାହିଁକି ଯେ ରୋମାଞ୍ଚିତ ଛାତି ?
ପଞ୍ଚମ ତାନରେ କୋଇଲିର ମଧୁମୟ ଗୀତି ?
କଦମ୍ବବନରୁ କାହିଁ ସେଇ ସୁର ତନ୍ତ୍ରୀ ଥରାଇ ଛୁଟେ ?
ଆବେଗରେ କିଆଁ ହୃଦକନ୍ଦରରେ ପ୍ରୀତିଫୁଲ କଢ଼ ଫୁଟେ?
କୁହ ଗୋ ବିଶାଖା ଶୁଣ ହେ ଲଳିତା
ମନ ଆଜି କିଆଁ ଛଟପଟ
ଭରା ବସନ୍ତରେ ସତେ କ'ଣ କାହ୍ନୁ
ପଶୋରିଲେ ମୋତେ
ହେବ ନାହିଁ ଆଉ କେବେ ଭେଟ ?
ପ୍ରଣୟୀ ରାଧିକା ଭାଷେ
ଆତୁରେ ସଖୀଙ୍କ ପାଶେ
ମଥୁରାରୁ କେବେ ଲେଉଟିବେ
ଗୋପ ସବୁତ ଅନ୍ଧାର ଦିଶେ।
ଫଗୁଣ ଆସିଲେ ମଳୟ ବୋହିଲେ
ମନ ମହମହ ବାସେ
ଯମୁନା ଅଧୁରା ରାଧା ବି ଅଧୀରା
କାହ୍ନୁର ପ୍ରଣୟ ଆଶେ।

ଆଇ.ଆର.ସି. ଭିଲେଜ୍
ଭୁବନେଶ୍ୱର

# କାବ୍ୟର ପ୍ରତିମା

**ସ୍ୱପନ କୁମାର ଘୋଷ**



ଘନଘୋର ବର୍ଷା ଲୋ ସଜନୀ !
ଏଠାକାର ପରି ତମ ଆଡ଼େ
ଏକାପରି କରିଛି ଚାରିଆଡ଼ --
ଏକାକାର ବିପୁଳ ବାରିଧାରେ ?

ତମେ ତେବେ କି କରୁଛ ସଖୀ !
ଚଳାଚଳ ନାହିଁ ମୋଟେ ଯେବେ,
ଗୃହକୋଣ ଆଶ୍ରୟ କରିକି
ଅରଣ୍ୟ ଅନାଉଛ ଏବେ ?

ନିର୍ନିମେଷ ନୟନ କି ତବ ....
ଅବିରଳ ବର୍ଷାଧାରା ଦେଖି ....
ମେଘରଡ଼ି, ଅଶନି ସମ୍ପାତେ.... ?
ନୀଳବର୍ଣ୍ଣ ଶାଢ଼ୀ ଅଙ୍ଗେ ତବ
'ମେଘଦୂତ' କୋଳର ଉପରେ ।

ମହାକବି ମହାକାବ୍ୟ ଦେଇ
ହରିଛନ୍ତି ମନ ଏକାବେଳେ ?
ତମ ଏ କବିର କବିତାଟିକୁ
ସରାଗେ କି ତୋଳି ନବ କୋଳେ ?

" ସୁମତି କୁଞ୍ଜ"
୫୩, ଶ୍ରୀବର୍ଦ୍ଧନପଲ୍ଲୀ,
ଜୋକା (ବାଖରାହାଟ ରୋଡ), କୋଲକାତା

# ବନାନୀ ମୋତେ ଡାକେ

ବିନୟ କୁମାର ଦାସ

ପାହାଡି ଛାତି ଝରଣା ଗୀତି ସପନ ତୋଳେ ମନେ
ଝରା ପତର ତାନ ମଧୁର ସେଇଠି ଶୁଭେ କାନେ ।
ବନାନୀ ତଟେ ବାଦଲ ଘୋଟେ ମୟୁର ଉଠେ ନାଚି
ଶୀତଳ ବାଆ ଉଲୁସେ ହିଆ ପ୍ରୀତି ପ୍ରଣୟ ରଚି ।

ଚହଲି ଯାଏ ମହୁଲ ଫୁଲ ଶାଳ ଫୁଲ ବି ବାସେ
ନୀଳ ଆକାଶ ବିଭୋର ହୋଇ ମୁର୍କି ମୁର୍କି ହସେ ।
ମରତ ଲାଗେ ସରଗ ପରି ସବୁଜିମାର କୋଳେ
ସରଗପରୀ ଥାଉ ନ ଥାଉ ସେଇ ପୁଲକ ତୋଳେ ।

ଅଭିମାନିନୀ ଘନ ବନାନୀ କିମିଆଁ କିଛି ଜାଣେ
ସେଇଥିପାଇଁ ଗୋପନେ ସିଏ କୋଳକୁ ତାର ଟାଣେ ।
ପହିଲି ନାଚ ମାଦଳ ବାଜେ  ପାହାଡି ଗୀତ ତାଳେ
ମହୁଲି ନିଶା ନହୁଲି ଝିଅ ସାଂଗସାଥୀଙ୍କ ମେଳେ ।।

ତାହାରି ପାଇଁ ଜାଣିଚି ମୁହିଁ ହଜେ ନିତି ମୋ' ନିଦ
ପାଶୋରି ଦିଏ ଯାବତ ଦୁଃଖ ଥୋଇଲେ ସେଠି ପାଦ

ବାଲେଶ୍ୱର

# କାଗଜ ଡଙ୍ଗା

## ସାରଙ୍ଗଧର ଷଡ଼ଙ୍ଗୀ

କାଗଜ ଡଙ୍ଗାରେ ସଂସାର ଲଦି
ଅଥଳ ସାଗର ବକ୍ଷରେ ଭାସୁଛି
ଡର କାହାକୁ ଭୟ କାହାକୁ
ଈଶ୍ୱର ଅଛନ୍ତି ଚଉ ବାହାକୁ
ଝଡ଼ ବତାସକୁ ଖାତିର ନ କରି
ତୁମ ଭରସାରେ ଆଶା କରିଛି ହେବାକୁ ପାରି
ତୁମ ବିଷୟରେ ବହୁତ ଆଈ ମା' କାହାଣୀ ଅଛି
ତୁମକୁ ଦେଖିବାକୁ ବହୁତ ଇଚ୍ଛା ହେଉଛି
ଆକାଶ, ପାଣି, ପବନ ସବୁ ତୁମରି ସୃଷ୍ଟି
ଜନ୍ମ, ମୃତ୍ୟୁ ଚକ୍ର ତୁମରି ସୃଷ୍ଟି
ତୁମେ କାହାକୁ ସହଜରେ ଦେଖା ଦିଅ ନାହିଁ
ଭାବକୁ ନିକଟ ଅଭାବୀକୁ ଦୂରେ ରହି
ଦିଅଁ ଖୋଜା କାମ ଆଉ କରିବି ନାହିଁ
ଗ୍ରନ୍ଥ କୀଟ ହୋଇ ବଞ୍ଚିବି ମୁହିଁ

ଜାଣେନା ମୋ' ସଂଶୟ ଦୂର ହେବ କି ନାହିଁ
ମଶାଣି ଭୂଇଁକୁ ଗଲି ତୁମକୁ ଦେଖିବା ପାଇଁ
ଏକାନ୍ତରେ ମନର କଥା କହିବି ଖୋଲି
ଶ୍ୱାନ, ଶୃଗାଳ ରଡ଼ି ଶୁଣି ଫେରି ଆସିଲି
କାଗଜ ଡଙ୍ଗାକୁ ପହଞ୍ଚାଇ ଦିଅ
ଆରପାରି ରକ୍ଷା କବଚ ହୋଇ
ଅଳପ ବାଟ ବାକି ଅଛି
ସଂସାରର ବୋଝଟା ହାଲୁକା କରିଦିଅ
ଯେଉଁଠି ଆରମ୍ଭ ସେଇଠି ଶେଷ
ତ୍ରୀବାର ସତ୍ୟ ଏହି ବାଣୀ ମୋର ବିଶ୍ୱାସ
ତୁମେ ବିକଳ୍ପ ତୁମେ ସଂକଳ୍ପ
ଅନିଶ୍ଚିତ ତୁମେ ନିଶ୍ଚିତ ତୁମେ
ଆର୍ତ୍ତ ଚିତ୍କାରରୁ ତୁମେ ଓଁକାର
ଆହତ ହୃଦୟେ ଧର୍ଯ୍ୟ ତୁମେ

# ଦୁଇ ପାଦ ଆଗକୁ ଚାଲି

## ନୂତନ କୁମାର ବେହେରା

ଦୁଇ ପାଦ ଆଗକୁ ଚାଲି
କିଛି ସଫଳତା ନ ମିଳିଲା ବୋଲି
ଅବା ପାଇଗଲେ କିଛି ବି
ଯିଏ ରହିଯାଏ କିନ୍ତୁରେ ଅଟକି
କେବେ ପହଞ୍ଚି ପାରେ ନାହିଁ
ନିଜ ଠିକଣାର ଲକ୍ଷ୍ୟସ୍ଥଳେ
ଜୀବନ ଏକ ପ୍ରେରଣାର ଆହ୍ବାନ
ଏଠି ସଭିଏଁ ସଭିଙ୍କ ପ୍ରତିଦ୍ଵନ୍ଦୀ
ଉଦ୍ଦେଶ୍ୟ ପୂରଣ ପାଇଁ ବ୍ୟସ୍ତ ବିବ୍ରତ
ଚାଲିଛି କେବଳ ଦୌଡ଼ ପ୍ରତିଯୋଗିତା
କିଏ କେତେବେଳେ କାହାକୁ
ଅନାୟାସରେ ଯାଏ ଜିତି
କ୍ଷମତା ଅନୁଯାୟୀ ସମୟକୁ ଦେଖି
ଚାଲେ ଗତି ପ୍ରଗତି ଅଗ୍ରଗତି
ଦୁଇ ପାଦ ଆଗକୁ ଚାଲି
ମାନସିକତା ଯେବେ ଯାଏ ବଦଳି
ସ୍ୱପ୍ନ ସାଉଁଟିଥିବା କଢ଼ସବୁରୁ
ପାଖୁଡା ମେଲି ଫୁଲ ପାରେନା ଫୁଟି
ସୁବାସ ବାଣ୍ଟିବା ତ ଦୂରର କଥା
ଆଶଙ୍କାର କୀଟ ଦଂଶନରେ
ସଢ଼ି ଶୁଖିଯାଏ କକ୍ଷରୁ ବୃନ୍ତ ସହ ଝଡ଼ି
ସରଳ ଜଟିଳର ରୂପ ନେଇ
ସମସ୍ୟାରେ ହୋଇଯାଏ ବାନ୍ଧି
ସମ୍ଭାବନା ହାତରୁ ଯାଏ ଆଡେଇ
ଭରସା ବିଶ୍ୱାସ ପାରେନା ରଖି
ସାହସ ହରାଇ ବସେ ବିବଶ ହୋଇ
ଦୁଇ ପାଦ ଆଗକୁ ଚାଲି
ରହିଯାଏ ଯିଏ ଦଣ୍ଡକେ ଥକି
ବିଶ୍ରାମର ବାହାନାରେ ଥାଏ ଶୋଇ
ଠକିଯାଏ ଠେକୁଆ ପରି
କଇଁଛର ମନ୍ଥର ଗତି ବି ଯାଏ ଜିତି
ସମୟର ଗତି ଅବିରାମ
ଚାଲିବାକୁ ହୁଏ ପାଦରେ ପାଦ ମିଳାଇ
ପ୍ରତିବନ୍ଧକ ତ ଜୀବନ ପଥେ
ଆସିଥାଏ କରିବାକୁ ଦକ୍ଷ
ରଖିବାକୁ ସଦାସର୍ବଦା ସଜାଗ
ପ୍ରତିକୂଳ ପରିସ୍ଥିତିକୁ ସୁଧାରି
ଆଗକୁ ଆଗ ବଢ଼ିବା ହିଁ ଜୀବନ ସଂଘର୍ଷ
ଅନୁଭବ କରି ପାରେ ଯେଉଁ ପଥିକ
ରହି ଯାଏ ନାହିଁ କେବେ କେଉଁଠି
ଦୁଇ ପାଦ ଆଗକୁ ଚାଲି...

କୋହି, ଗଡ଼ିଆ, ମୟୂରଭଞ୍ଜ



# ସତ୍ୟର ସନ୍ଧାନ

ପଦ୍ମନାଭ ପାଣିଗ୍ରାହୀ

ଆଶା ବୈତରଣୀ ତରିବା ପାଇଁକି
କରିଛୁ ବିଚାରି ମନ
ବଡ଼ କ୍ରୁର କାଳ ପଶ୍ଚାତଭାଗରେ
ହେଉଅଛି ଧାବମାନ
ମୃତ୍ୟୁ ବଳୟରୁ କେହି ରଖିବେନି
ମୋହ ଭ୍ରମ କର ଦୂର
ଜୀବତ୍ମା ରୂପରେ ଅନ୍ତର ମଧ୍ୟରେ
ପ୍ରଭୁ କରନ୍ତି ବିହାର
ଏ ଯାତ୍ରାର ଶେଷ ନାହିଁ ଅନ୍ତର୍ମୁଖୀ
ଆତ୍ମାରେ ଆତ୍ମା ମିଳନ
ଅନୁଭୂତି ଯାତ୍ରା ସଦା ଜାଗ୍ରତ
ଦିବ୍ୟ ସତ୍ୟର ସନ୍ଧାନ

# କୃଷ୍ଣଲୀଳା (ରାଗ – ବଙ୍ଗଳାଶ୍ରୀ)



## ସୁରେଶ ଚନ୍ଦ୍ର ରଥ

ହେ କୃଷ୍ଣ ମୋହନ ରାଧା ପ୍ରାଣଧନ
କୋଟି କନ୍ଦର୍ପ ସମାନ
ଗୋପୀ ସହ କ୍ରୀଡା କର ଛାଡି ବ୍ରୀଡା
ମାନିନୀର ରଖ ମାନ
ନାପିତୁଣି ବେଶେ ଶ୍ରୀରାଧାଙ୍କ ପାଶେ
ମିଳନ ଆନନ୍ଦଭରେ
ପାଦ ପଙ୍କଜରେ ଅଲକତ ଧାରେ
ଆଙ୍କିଦେଲ ଶ୍ରୀକୃଷ୍ଣରେ
ମାତା ଯଶୁମତି ସରଳ ପ୍ରକୃତି
ବାତ୍ସଲ୍ୟ ସ୍ନେହେ ଅଧିର
ରୂପ ସଜାପରେ ଡାକିନୀ ଭୟରେ
କପାଳେ କଜ୍ଜଳ ଗାର
ଗୋପପତି ନନ୍ଦ ଲଭନ୍ତି ଆନନ୍ଦ
ଦେଖି ଗୁଡାକେଶ ଲୀଳା
ବାଳ ହୃଷିକେଶ ପ୍ରେମେ ମୋହ ବଶ
ବାଳ ସଖା ମେଳେ ଖେଳା

ପୁତନା ରାକ୍ଷସୀ ରକ୍ତ ଦେଲ ଶୋଷି
ବକା ଅଘା ଧେନୁ ବଧ
କାଳିନ୍ଦୀ ଜଳରେ କାଳୀୟ ଫଣାରେ
ନୃତ୍ୟ ରତ ଚିଦାନନ୍ଦ
ଗୋପୀ ବସ୍ତ୍ର ଚୋର ଶୃଙ୍ଗାରେ ଆତୁର
ସୁଦାମା ସଖାର ପ୍ରୀତି
କୁବ୍ଜା ଉଦ୍ଧାରଣ ମଲ୍ଲ ନିସ୍ତାରିଣ
କଂସାସୁରେ ଦେଲ ମୁକ୍ତି
ଦଧି କ୍ଷିର ଭାଣ୍ଡ ଆନନ୍ଦରେ ଭାଙ୍ଗ
କେତେ ତୁମର ବାହାନା
ପତିତତାରଣ ନିମନ୍ତେ ଧାରଣ
ପତିତପାବନ ବାନା
ସୁରେଶ ରମେଶ ଆହେ ଜଗଦୀଶ
ପାଦ ତଳେ ପ୍ରଣିପାତ
ନିରାଶ୍ରୟ ନାଥ ପ୍ରଭୁ ଜଗନ୍ନାଥ
ପୂର୍ଣ୍ଣ କର ମନୋରଥ।

**ଜଟଣି ,ଖୋର୍ଦ୍ଧା**

ଆମ କବିତା



# ବଇଁଶୀ ବାଲା

**ବିଜୟା ଲକ୍ଷ୍ମୀ ମହାପାତ୍ର**

ଆରେ ଆରେ ବଇଁଶୀ ବାଲା
ଆରେ ମୋର ନନ୍ଦର ଲାଲା
ଏଡ଼େ କପଟିଆ ଏଡ଼େ ଦଗାଦିଆ
କେଉଁଠୁ ଶିଖିଲୁ ଗଉଡ଼ ପିଲା
ଆରେ ଆରେ -------
ଖାଉଥିଲୁ ସର ଲବଣୀ
ବାଉଥିଲୁ ବଇଁଶୀ ଧ୍ୱନି
ବାଳୁତ ବେଳରୁ ଏଡ଼େ ନଟ ଖଟ
ଖିର ସଙ୍ଗେ ପୁତନା ନାଶ ଗଲା
ଆରେ ଆରେ-------
ଧେନୁ ବସ୍ଛା ସଙ୍ଗରେ ଘେନି
ସାଥେ ବୁଲୁ ଘୋର ବନାନୀ
ଅଘା, ବକା ଆଉ ଶକଟା ମାଇଲୁ
ଜାମଳାର୍ଜ୍ଜୁନ ଯେ ଉପୁଡ଼ି ଗଲା
ଆରେ ଆରେ ------

ଗୋପେ ଗୋପୀଙ୍କ ସଙ୍ଗେ ପ୍ରେମ
କୁଞ୍ଜବନେ ରାଧା ହିଁ କାମ୍ୟ
ବସ୍ତ୍ର ହରିଥିଲୁ ଯମୁନା କୂଳରେ
କରିଥିଲୁ କେତେ ତୁ ଗୋପ ଲୀଳା
ଆରେ ଆରେ----
ଗିରି ଗୋବର୍ଦ୍ଧନକୁ ଧରି
ରକ୍ଷାକଲୁ ଗୋପ ନଗରୀ
ମଥୁରାକୁ ଗଲୁ ଧନୁଯାତ୍ରା ଦେଖି
ମଞ୍ଚାରୁ ପଡ଼ି କଂସ ମାମୁଁ ମଲା
ଆରେ ଆରେ -------
ତୁମେ କୃଷ୍ଣ ତୁମେ ଜଗନ୍ନାଥ
ତବ ନାମେ ଝରେ ଅମୃତ
ତବ ନାମାମୃତ ପାନ କରେ ଯିଏ
ସଂସାର ମାୟାରୁ ମୁକ୍ତି ଲଭିଲା
ଆରେ ଆରେ --------

ଖୋର୍ଦ୍ଧା

# ଗୁରୁଙ୍କ ଗୁରୁତ୍ୱ

ଅରୂପ କୁମାର ବିଶ୍ୱାଳ

ଗୁରୁଙ୍କ ଗୁରୁତ୍ୱ କମିଲେ ସମାଜେ
ଘଟେ କେତେ ଅଘଟଣ,
ଇତିହାସ କହେ ପୁରାଣ ବି କହେ
ରହିଛି କେତେ ପ୍ରମାଣ।
ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଯେ ହଠାତ
ଦେଖି ଅଷ୍ଟବକ୍ର ଋଷି,
ଅଟ୍ଟହାସ୍ୟ କରି ନାରୀ ବେଶ ହୋଇ
କହିଥିଲେ ପାଖେ ଆସି।
ମୁହିଁ ଗର୍ଭବତୀ କଷ୍ଟ ସହୁଅଛି
ହେଉନି ମୋର ପ୍ରସବ,
ଦଶମାସ ପୁରି ଯାଇଥିଲେ ମଧ
କେବେ ସେଇ ଛୁଆ ହେବ ?
ଶୁଣି ଅଷ୍ଟବକ୍ର କମ୍ପିଲେ କ୍ରୋଧରେ
ଆରେ ଗର୍ବି କୃଷ୍ଣପୁତ୍ର,
ହଳ ମୂଷଳକୁ ରଖିକି ପେଟରେ
ପଚାରୁ ପ୍ରସବ ସୂତ୍ର।
ଏଇକ୍ଷଣି ଗର୍ଭପାତ ହେବ ନିଶ୍ଚେ
ସେହି ହଳ ମୂଷଳକୁ,
ଯଦୁବଂଶ ଧ୍ୱଂସ କରିବଟି ଏହା
ମନେରଖ ମୋ' କଥାକୁ।

ସେ ହଳ ମୂଷଳ ଭୀମ ନେଇଗଲେ
ଘଷିଲେ ପର୍ବତେ ନେଇ,
ଲୁହାଗୁଣ୍ଡ ଦେହୁ ସୃଷ୍ଟି ହେଲା ବୃକ୍ଷ
କାଦମ୍ବରୀ ନାମ ହୋଇ।
କାଦମ୍ବରୀ ରସ ପାନରେ ଯାଦବ
ନିଶା ଗ୍ରସ୍ତ ହୋଇଗଲେ,
ହଣାହଣି ହେଲେ ଏରକା ବନରେ
ଯଦୁବଂଶ ନାଶ କଲେ।
ହଳ ମୂଷଳକୁ ଘଷି ଘଷି ଶେଷେ
ଅତି କ୍ଷୁଦ୍ର ହୋଇଗଲା,
ଭୀମ ନେଇ ତାକୁ ଫିଙ୍ଗିଦେଲେ ଜଳେ
ମାଛ ଏକ ଗିଳିଦେଲା।
ସେ ଲୁହା ଖଣ୍ଡକୁ ନେଇ ବ୍ୟାଧ ଜରା
ତୀରଟେ ତିଆରି କଲା,
ମୃଗ କର୍ଣ୍ଣ ଭ୍ରମ କୃଷ୍ଣ ପାଦ ବିନ୍ଧି
କୃଷ୍ଣଙ୍କର ପ୍ରାଣ ନେଲା।
ଝିମିଟି ଖେଳରୁ ମହାଭାରତ ଯେ
ହୋଇଥାଏ ବେଳେ ବେଳେ,
ଗୁରୁ ଗୁରୁଜନେ ସମ୍ମାନ ନଦେଲେ
ଓଲଟା ଫଳ ଯେ ଫଳେ।

ସହକାରୀ ଶିକ୍ଷକ,
ଏନ୍.ଏ.ସି. ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦ୍ୱୀପ

# ମାମୁ ଘର ଗାଆଁ ଭଲ

**ଖଗେଶ୍ୱର ବାଗ**

ଭାରି ଭଲ ଲାଗେ ମାମୁ ଘର ଗାଆଁ
ସବୁଜ ସୁନ୍ଦର ଚିର
ବୁଲୁଥା'ନ୍ତି ସଦା ସାଥୀ ଗହଣରେ
ହୋଇ ଆନନ୍ଦେ ବିଭୋର।।
ଶ୍ରାବଣେ ନୀରଦ ଭାସମାନ କେତେ
ଦିଗବଳୟକୁ ଛୁଏଁ
ବଉଦର ଜଳଧାରେ ଭିଜିବାକୁ
ବାରବାର ଇଚ୍ଛା ହୁଏ।।
ଆମ୍ବ ତୋଟା ବିଲ ବନ ନଈପଠା
ଅତି ମନଲୋଭା ଲାଗେ
ବସନ୍ତର ମୃଦୁ ମଳୟ ପରଶି
ଦିଏ ଯାଏ ଯେଉଁ ଦିଗେ।।
ନବ ପରିଣୀତା ସଖୀମେଳେ ଗଲେ
ଝୁଣ୍ଟିପଡି ଚ଼ାଲୁଥାଏ
ଦୂରୁ ଦେଖି ଲାଗେ ସଂସାର ସମସ୍ୟା
ବାଳା ବୁଝିନି ଏ ଯାଏଁ।।
ସରଳ ବିଶ୍ୱାସୀ ପୁରପଲ୍ଲୀବାସୀ
ବେଶି ଲାଗେ ଆପଣାର
କେଉଁ ଗୁଣ ଦେଖି ନିମିଷକେ ପୁଣି
କରି ନିଅନ୍ତି ନିଜର।।
ରାଗ ରୁଷା କାହିଁ ଜାଣି ନାହିଁ ମୁହିଁ
ମାମୁ ଘରେ ଥାଇ ଦିନେ
ଅତି ଲାଡେଗେଲେ ବିତାଇଛି ଦିନ
ଝଲସି ଉଠଇ ମନେ।।

ନିଜ ଗାଆଁ ମାଟି ମମତା କି ଭୁଲି
ପାରିବି ମରିବା ଯାଏଁ
ତା'କଥା ଭାବିଲେ ଗାଆଁ ଟାଉଟର
କଥା ମନେ ପଡିଥାଏ।।
ନବାଗତ ଭଳି କେହି ଯୁବ ଦେଖେ
ଅପଲକେ ଚାହେଁ କେହି
ଆଖିର ଇସାରା କାହାର ପୁଣି କେ
ମନ୍ଦ କଥା ଦିଏ କହି।।
ବେଦୀ ବରଗଛ ମୂଳେ ଦଳଦଳ
ବସିଥିବେ ଅଯଥାରେ
କାମଧନ୍ଦା ପ୍ରତି ଇଚ୍ଛା ନାହିଁ କା'ର
ଦିନ ବିତେ ଆଳସ୍ୟରେ।।
ସେବା ସହଯୋଗ ସାତ ସ୍ୱପ୍ନ ଯହିଁ
ମାନ ଅଭିମାନ କେତେ
ଜୀବନ ସାର୍ଥକ କେଉଁ ମତେ ହେବ
ବୁଝିଛି ବା କିଏ ସତେ।।
ଜୀବନ ଯୌବନ ଦୁନିଆ ନିୟମ
ବୁଝିଛନ୍ତି ସେହି ଜନ
ତେଣୁ ମାମୁ ଘର ଗାଆଁ ଭଲ ଲାଗେ
ଯିବା ପାଇଁ ହୁଏ ମନ।।

ବୁଦ୍ଧିକୋମନା, ନୂଆପଡା



# ଅବଶିଷ୍ଟ ସ୍ୱାକ୍ଷର

ଆରତି ମଞ୍ଜରୀ ଦାଶ

ପାହିଗଲା ଝଡରାତି
ନିଶି ହେଲା ଭୋଅର
ନୂଆ ସୂର୍ଯ୍ୟ ଲେଖି ନେଲା
ମୁକତି  ସ୍ୱାକ୍ଷର
ଭିଜା ଭିଜା ସବୁଜିମା
ସ୍ୱଚ୍ଛ ବନ ପ୍ରାନ୍ତର
ଥିଲା ଅବା ରହି ଚାହିଁ
ଅନାଗତ ସ୍ୱପ୍ନିଳ ବାସ୍ତବେ
କେତେ ଆଶା କେତେ
କଳ୍ପନାର ପୁଟେ ରଙ୍ଗାଇ
ବାକି ଇଚ୍ଛା ସବୁ
ଗଣୁଥିଲା ନିରନ୍ତର
ଏଇ ଧରା ରକ୍ତର ପିଣ୍ଡକୁ
ଅପେକ୍ଷିଲା ଝଡ଼ ଶେଷେ
ନିଷ୍କଳ ଶୀତଳ ଗଗନ୍କୁ
ବରଷିବ ଅମୃତର ଧାରା,
ଚମକିବ ସ୍ୱପ୍ନର ନୀଳ ପାରାବାର।

ଉତ୍ତେଜନା ହୀନ,
ଶାନ୍ତ ପ୍ରଭାତି ଗଗନ
ନେଲା ମାଖି ଅପୂର୍ବ ଏକ
ଇନ୍ଦ୍ରଧନୁ ରଙ୍ଗ,
ହରିତ ଧବଳ ଲୋହିତ ବିଭବେ
ହେଲା ଚିତ୍ରିତ ସଗର୍ବେ
ତ୍ରିରଙ୍ଗାର ଧାରେ
ସତ୍ୟ, ଶାନ୍ତି, ତ୍ୟାଗ
ଆଶାର ଚତୁରଙ୍ଗ।

ସେ ଦିନୁଁ ହେଲାଣି ଅନ୍ତର
ଅନେକ ମାସ ଯେ ବରଷ
କାଳର କବଳେ ହଜିଛି
ଭବ୍ୟ ସେ ଐଶ୍ୱର୍ଯ୍ୟ,
ଫେରେ ନାହିଁ,ଫେରେ ନାହିଁ
ରିକ୍ତ ଅଙ୍କେ ଏବେ ଆଉ
ନୀଳନୀଳ ସେଇ
ସ୍ୱପ୍ନର ମୂର୍ତ୍ତ ଅନୁଭବ,
ଭିନ୍ନ ରୂପେ ଫେରେ ଖାଲି ଆଜି
ଏକାନ୍ତ ଅପରିଚିତ ଦହନ ଯାତନାର
ବିକଟ ଲାଭାର ବାସ୍ତବ---
ଛିନ୍ନ ପକ୍ଷ ଉତ୍କର୍ଷ ଈଗଲ

ଝରାଇ ଝରାଇ ପ୍ରେମ ଭକ୍ତିର
ଅମୃତ ସ୍ୱର, ଆହତ, ଧରାଶାୟୀ
ଜଟାୟୁ ସମ କରେ କିବା
ବିକଳ ରୋଦନ,
ମାମାଭିରକ୍ଷୟ, ହେ ରାମ ହେ ରାମ,
ସମୟର ନିର୍ମମ ଅବୟବ
ଦେବକି ପହଞ୍ଚାଇ ଆଉ
ଅନ୍ତିମ ବିନ୍ଦୁଟିକୁ ନିଭାଇ
ଜୀବନର ଅବଶିଷ୍ଟ ସ୍ୱାକ୍ଷର?

କୀର୍ତ୍ତି ବହୁଳ ଅତୀତର
ପ୍ରତିଟି ବିଭବ ଭୂଲୁଣ୍ଠିତ ଆଜି
ହରାଇ ଅତୀତର ଅଧ୍ୟାତ୍ମ ଉତ୍କର୍ଷ,
ଭୋଗବାଦୀ ଚିନ୍ତାର ଭିନ୍ନ ରୁଚି
ଭିନ୍ନ ସମେକ୍ଷଣର ଉଦ୍ବର୍ତ୍ତନ
ଦେବକି ଫିଙ୍ଗି ଦୂରେ ଅତୀତ
ସାଧନାର ସକଳ ନିର୍ଯ୍ୟାସ---!!

ଗୁରୁଜଙ୍ଗ, ଖୋରଧା

# ଉପରଟା ଯାହା ଭିତରଟା ତାହା ନୁହେଁ

ଅକ୍ଷୟ ମହାନ୍ତି



ନେଦରଲ୍ୟାଣ୍ଡରୁ
ସ୍ୱାମୀ ସ୍ତ୍ରୀ ଦୁହେଁ
ଭାରତକୁ ଆସିଥିଲେ
ମୁନି ଋଷିଙ୍କର
ଦେଶ ବୋଲି ଇଏ
ଲୋକ ମୁଖୁ ଶୁଣି ଥିଲେ।

ଭାରତ ଦେଶର
ଗାଆଁରେ ବୁଲିବେ
ମିଶିବେ ଲୋକଙ୍କ ସାଥେ
ମେଳା ମହୋତ୍ସବ
ଦେଖିବେ ଗାଆଁରେ
ଚାଲିବେ ପ୍ରକୃତି ପଥେ।

ମଟର ବାଇକ
ପାଇଲେ ଗୋଟିଏ
ଟାଙ୍କି ପୁରା କରିଦେଲେ
ବାଟରେ ଦେଖିଲେ
ଜନ କୋଳାହଳ
ସେହିଠାରେ ରହିଗଲେ।

ଅନତି ଦୂରରେ
ବାଇକ ରଖିଲେ
ମେଳା ଦେଖିବାକୁ ଗଲେ
ନାଚିଲେ କୁଦିଲେ
ସଭିଙ୍କ ସାଥିରେ
ପୁରା ସିଏ ମିଶି ଗଲେ।

ଫେରିଲେ ଯେବେ ସେ
ଲୋକମାନେ ତାଙ୍କୁ
ଗାଡି ପାଶେ ଛାଡିଦେଲେ
ଗାଡି ଷ୍ଟାର୍ଟ କରି
ଯେବେ ସେ ଆସିଲେ
ବଧାଇ ଜଣାଇ ଥିଲେ।

ଅଳପ ଦୂରରେ
ଦେଖିଲେ ବାଇକ
ମନକୁ ସନ୍ଦେହ ହେଲା
ପରଖି ଦେଖିଲେ
ତେଲ ଟାଙ୍କି ତାଙ୍କ
ଖାଲି ହୋଇ ଯାଇଥିଲା।

ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...

ବାଇକକୁ ସିଏ
ଗଡେଇ ଗଡେଇ
ଛ'କିଲୋ ମିଟର ନେଲେ
ତେଲ ଟାଙ୍କିରେ ବି
ତେଲ ତ ନ ଥିଲା
ହତୋସାହ ହୋଇଗଲେ।

ଲୋକେ କହିଥିଲେ
ଦି' ଗୁଣା ଦାମ୍ ରେ
ତେଲ ମିଳୁଅଛି ଏଠି
କିଛି ଶୁଣିଲେନି
ସେ ଯୁବ ଦମ୍ପତ୍ତି
ଆଗକୁ ଚାଲିଲେ ମାଡି।

ଶୁଣିଲେ ଆଗକୁ
କିଛି ଦୂର ଗଲେ
ପେଟ୍ରୋଲ ପଅମ୍ପ ଅଛି
ଗାଡିଟି ରଖି ସେ
ମାଗିଲେ ଜଣକୁ
"ଜାର୍କିନ ତୁମର ଅଛି?"

ଲୋକଟି କହିଲା
"କେତେ ବାଟ ଯିବ
ପେଟ୍ରୋଲ ଆଣିବା ପାଇଁ?
ଏଇଠି ମିଳିବ
ଦି' ଗୁଣା ପଡିବ
ନେଉନ କଅଣ ପାଇଁ???"

ବିଦେଶୀ ଦମ୍ପତ୍ତି
କହିଥିଲେ ତାଙ୍କୁ
"ଦୁର୍ନୀତି ଆମର ନାହିଁ
ଦେଶ ଶିଖାଇଛି
"ଦାଆମ୍ ଯେତିକି
ସେତିକିଟା ନେବା ପାଇଁ।

ଦେଲାବାଲା କେବେ
ଅଧିକ ନିଏନା
କମ୍ ମଧ ନିଏ ନାହିଁ
ନେଲାବାଲା ମଧ
ଅତ୍ୟନ୍ତ ହିସାବୀ
କମ୍ ନେବ ବା କାହିଁ??

ଏହି କଥା ଆମ
ଦେଶ ଶିଖାଇଛି
ଇଏ ଆମ ପରମ୍ପରା
ଏଠାରେ ଜାଣିଲି
ଗାଡିରୁ ମଧ ମୋ'
ତେଲ ଚୋରି ହୋଇଗଲା।

ଏ ଦେଶ ନାଆଁରେ
ଯାହା ଶୁଣିଥିଲି
ସଂପୂର୍ଣ୍ଣ ଓଲଟା ଇଏ
ଭିତରେ ଏହାର
ଏତେ କଥା ଅଛି
ବିଶ୍ୱାସ କରିବ କିଏ??? "

ନିର୍ମାଲ୍ୟ

# ଉତ୍କଳ ସୁକନ୍ୟା



**ନଳିନୀ ପ୍ରଭା ଦାସ**

ବୀର ମାଟିର    ବୀରା କନ୍ୟା ସେ
ଭଞ୍ଜ ମାଟିରେ ଜନ୍ମ
ସେ ଛୋଟ ଗାଁରେ ଗଢା ସେ ଜୀବନ
ଦ୍ରୌପଦୀ ମୁର୍ମୁ ନାମ ।

ଉପରବେଢାର    ସେହି କୁନିଝିଅ
ବାସ ତା' ମହକ ଭରା
ଶିକ୍ଷା ଦୀକ୍ଷା ସ୍ମୃତି    ଜୀବନର ଛବି
ମହକେ ଭାରତ ସାରା ।

ଜୀବନ ସଂଘର୍ଷେ    ହାରିବା ଜାଣେନି
ଧରିନି ହାତରେ ଢାଲ
ତଥାପି ଜିତିଛି    ଜୀବନ ଯୁଦ୍ଧରେ
ଡେଇଁ ଦୁଃଖ ଖମା ଖାଲ ।

ଜୀବନ ବିତିଛି    ତା' ଶିକ୍ଷକତାରେ
ଜନତା ହିତରେ ପୁଣି
ଜୀବନର ପଥ    ବଦଳି ଯାଇଛି
ଜୀବନ ଯୁଦ୍ଧରେ ଜୁଝି ।

ନାହିଁ ସେ ମନରେ    ଗର୍ବ ଅହଂକାର
ଡେଇଁବାର ସପ୍ତସିନ୍ଧୁ
ଜୀବନ ଯନ୍ତ୍ରଣା    ଦୁଃଖ ଓ ଦୁର୍ଦ୍ଦଶା
ତରିଛନ୍ତି ଭବ ସିନ୍ଧୁ ।

ବାଧକ ସାଜିନି    ଅଦିନିଆ ଝଡ
ସୃଜିଛି ନୂଆ ସରଣୀ
ଜୀଇଁବାର ଅଛି    ଜୀବନ ତମାମ
ଧରି ଜୀବନ ତରଣୀ ।

ମାଟିର ମଣିଷ    ମାଟି ମାଆ ସେବା
ପ୍ରାରମ୍ଭ ଥିଲା ଜୀବନେ
ଜନତାର ହିତେ    ଜୀବନ ଉତ୍ସର୍ଗୀ
ଉଡ଼ିବା ଶିଖିଛି ନଭେ ।

ସ୍ନେହ ଶ୍ରଦ୍ଧା ପ୍ରୀତି    ବାଣ୍ଟି ଚାଲି ଥିଲେ
ଅକୁଣ୍ଠିତ ହୃଦୟରେ
ଜନ୍ମମାଟି ପାଇଁ    କାର୍ଯ୍ୟ କରିଥିଲେ
ରାଜନୀତି ପରିବାରେ ।

ଆଦିବାସୀ କନ୍ୟା    ନାରୀନେତ୍ରୀ ସେହି
ମାନନୀୟା ରାଷ୍ଟ୍ରପତି
ସେ ଆମ ଆଦର୍ଶ    ପ୍ରଣାମ ଘେନନ୍ତୁ
ଉତ୍କଳ କନ୍ୟା ଦ୍ରୌପଦୀ ।

ଗର୍ବ ଓ ଗୌରବ    ଓଡ଼ିଶା ମାଟିର
ସ୍ୱାଧୀନ ଭାରତ ମା'ର
ଦ୍ୱିତୀୟ ମହିଳା    ରାଷ୍ଟ୍ରପତି ଭାବେ
ନିର୍ବାଚିତ ଭାରତର ।

ବନ୍ଦେ ମୋ' ଉତ୍କଳ    ବନ୍ଦେ ମୋ' ଭାରତ
ବନ୍ଦେ ଉତ୍କଳସ୍ୟ ଗ୍ରାମମ୍
ବନ୍ଦେ ଜନ୍ମଭୂମି    ବନ୍ଦେ କର୍ମ ଭୂମି
ବନ୍ଦେ ବନ୍ଦେ ବନ୍ଦେ ମାତରଂ ।

**ପଣସୁଧା, ବାଲିଚନ୍ଦ୍ରପୁର, ଯାଜପୁର**



# ପ୍ରଶ୍ନ ଗୁରୁତର (ଶିଶୁ କବିତା)

ଡ. ଚପଳା ପଣ୍ଡା

ତୁମ ପରି ଛୋଟ ପିଲାଟିଏ
ପଞ୍ଚମ ଶ୍ରେଣୀର ଛାତ୍ର ସିଏ,
ଜ୍ଞାନ ବୁଦ୍ଧି ସହ ଚତୁର ପଣରେ
କଥାରେ କଥାରେ ପ୍ରଶ୍ନ ଥୁଏ।

ଗଣେଶ ପୂଜାର ଅବସରେ
ପଚାରିଲା ପ୍ରଶ୍ନ ଆସି ଧିରେ
ଗଣେଶ ଶରୀରେ ହାତୀ ମୁଣ୍ଡ ଯୋଡ଼ା
ପଢ଼ି ଅଛି ମୁହିଁ ପୁରାଣରେ।

ଏ କଥାଟା ଯଦି ଅଟେ ସତ
ପଚାରେ ପ୍ରଶ୍ନଟେ କହିବେ ତ,
ଦେହ ରଙ୍ଗ ସାଥେ ମୁଣ୍ଡଟା କିପରି
ଏକା ରଙ୍ଗ ନେଇ ବିଭୂଷିତ।

ଦେହ ରଙ୍ଗ ପଛେ ଯାହା ଥିବ
ମୁଣ୍ଡ କିନ୍ତୁ ତାଙ୍କ କଳା ହେବ
ନ ହେଲେ କିପରି ପୁରାଣ କଥାକୁ
ସହଜେ ବିଶ୍ୱାସ କରିହେବ।

ପୋହଳା ଏଣୁଅ ଗୁଣ ଧରି
କିମିଆ ଜାଣେ କି ବିଘ୍ନହାରୀ,
ସବୁ ଅନୁଷ୍ଠାନେ ଭିନ୍ନ ଭିନ୍ନ ରଙ୍ଗ
ଦେହ ଓ ମସ୍ତକ ଏକା ପରି।

ପିଲାର କଥାକୁ ବୁଝିଗଲି
ଚିନ୍ତା ଭାବନାରେ ହଜିଗଲି,
କଅଣ କହିକି ବୁଝାଇବି ତାକୁ
ବଡ଼ ଅଡୁଆରେ ପଡ଼ିଗଲି।

କହିଲି ବାବୁରେ ଦିଅ ମତି
କାରିଗର ହାତେ ଗଢ଼ା ମୂର୍ତ୍ତି,
ହାତେ ତୂଳୀ ଧରି ରଙ୍ଗ ଦିଏ ମାଖି
ଭାବେନାହିଁ ମୁଣ୍ଡ ଗଣପତି।

ଅଲଗା ରଙ୍ଗରେ ରଙ୍ଗେଇଲେ
ପସନ୍ଦ ହେବନି କେବେହେଲେ,
କେହି ନ କିଣିଲେ ବେଉସା ବୁଡ଼ିବ
ମୁଣ୍ଡ ଦେହ ରଙ୍ଗ ଭିନ୍ନ ହେଲେ।

ଧବଳ ଦେହକୁ ମୁଣ୍ଡ କଳା
ବେଶକୁ କରିବ କିଲିବିଲା,
ଲାଗିବ ସତେକି ଚନ୍ଦ୍ର ଗ୍ରହଣରେ
ଅଧା ଅଂଶ ଗ୍ରାସେ ଚନ୍ଦ୍ରକଳା।

ଦେହ ଓ ମସ୍ତକ ହେଲେ କଳା
ପାର୍ବତୀ ରାଗିବେ ଅନର୍ଗଳ।
ହଳଦୀ ମଳୁଖେ ଗଢିଥିଲେ ଯା'କୁ
ହେଲା ସେ କିପରି ହାଣ୍ଡି କଳା।

ପିଲା ବୋଲି ସିନା ଗଲା ବୁଝି
ବୁଦ୍ଧି ବିବେକ ମୋ' ଗଲା ହଜି,
ଛୋଟଛୋଟ କଥା କେଡ଼େ ଗୁରୁତର
ବରଗଛ ହେଲେ ଛୋଟ ମଞ୍ଜି।

(ବୃତ୍ତି ନିବୃତ୍ତ ଶିକ୍ଷୟିତ୍ରୀ), ଖୋର୍ଦ୍ଧା

ଆମ କବିତା

# ରାଜା ଝିଅ



## ସୁରଞ୍ଜନ ପାତ୍ର

ରାଜାଝିଅ ରୂପର ରୁଦ୍ରାକ୍ଷ ଜପି
ମନଇଚ୍ଛା ଦଂଶି ପାରେ
ଫଗୁଣର ତନୁ
ନଈ ଛବି ନାଭିରେ ଆଙ୍କି
ସାରା ଦେହେ ଦୋହଲାଉଥାଏ
ଢେଉ ପରେ ଢେଉ
ଆଖିର ଆକାଶରେ
ଛାଆଁକୁ ଛାଆଁ ଭାଙ୍ଗୁଥାଏ
ଲକ୍ଷେ ଇନ୍ଦ୍ରଧନୁ।

ସକାଳକୁ ସମୁଦ୍ର ଶଯ୍ୟାରେ
ଶୁଆଇ ଦେଇ ପାରେ ଏକା
ଏଇ ରାଜା ଝିଅ
ସ୍ୱପ୍ନକୁ ସମ୍ମୋହିତ କରି
ମାପିପାରେ
ରାତ୍ରିର ବୟସ
ଛାତିତଳ ନିଆଁରେ ଜଳାଇ ପାରେ
କେତେ କେତେ ରାଜପୁତ୍ରଙ୍କର
ଦେହର ବସନ୍ତ।

ତା' ପାଦର ପଦ୍ମପାଖୁଡ଼ାରେ
ବାରବାର ପରାସ୍ତ ସେ କରେ
ଋତୁପର୍ଣ୍ଣା ଋତୁର ଲଗନ
ପର୍ଣ୍ଣମୋଚି ଶାଖାରେ
ଝୁଲାଇ ପାରେ
ଯୌବନ ଜହ୍ନ
ହରିତ୍ ଦାଢ଼େ
ସନ୍ନ୍ୟାସିନୀ ସାଜେ
ଏଇ ରାଜାଝିଅ ପାଇଁ
ମନର ଅରଣ୍ୟ।

ରାଜାଝିଅ ନିଃଶ୍ୱାସକୁ
ନାଗଫାଶ କରି
ବନ୍ଦି କରିପାରେ ଇଚ୍ଛାର ଇନ୍ଦ୍ରପୁରୀ
ପ୍ରିୟଜନଙ୍କ ଛାତିରେ ବସାଇ ପାରେ
ରକ୍ତ ତରବାରୀ
ହସକୁ ହତ୍ୟାକରି
ରାଜ୍ୟସାରା ଉଡ଼ାଉଥାଏ
ଅହଙ୍କାର ଧ୍ୱଜା
ବଜାଉଥାଏ
ବିଜୟର ଭେରୀ ।

ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର



# ଲୁହ

## ରମେଶ ଚନ୍ଦ୍ର ମିଶ୍ର

ଲୁହ ଲୋ !
ମୋହ ଆଉ କୋହର ଉଦ୍ବେଳନରେ
ତୁ ଓହ୍ଲାଇଆସୁ
ଦୁଇ କପୋଳକୁ ଛୁଇଁ
ତୋ' ଛୁଆଁରେ ତିନ୍ତିଗଲେ
ଦେହ ଆଉ ମନ
ସବୁଜ ହୃଦୟ ହୋଇଯାଏ
ରଙ୍ଗହୀନ ଊଷର ଭୂଇଁ ।

କେବେ କେବେ ତୁ ଶୀତ ସକାଳର
କାକର ବିନ୍ଦୁଟେ ହୋଇ
ଝଲମଲ କରୁଥାଉ ଦୁଇ ଆଖିକୋଣେ
କେବେ ଅବା ଆଦ୍ୟ ଆଷାଢର
ବାରିପାତ ହେଉ
କେବେ ପୁଣି ନଈଟିଏ ହୋଇ
ଦୁଃଖର ନଉକାରେ ଯାତ୍ରୀଟିଏ ସାଜି
ସବୁ ସମ୍ପର୍କ କୁ
ଅନିଚ୍ଛାରେ ଛିନ୍ନ କରିଥାଉ ।

ଲୁହ ଲୋ !
ତୁ ତ ପୁଣି କୋଉଠି କୋଉଠି
ଶ୍ରାବଣର ଝଡିବର୍ଷା ହେଉ ଯେ
ବାଲୁଙ୍ଗା ଟୋକାମାନେ ତୋ ଧାରାରେ
କାଗଜ ଡଙ୍ଗାକୁ ଭସାନ୍ତି
ତୋ ଉସରେ ଝଡର ତାଣ୍ଡବ ବେଳେ
ବେପରୁଆ ହସ ହସୁ ହସୁ
ପୈଶାଚିକ ମଜା ନେଉଥାନ୍ତି ।

ବେଳେବେଳେ ତୁ
ଉସକୂପର ଜଳ ବିନ୍ଦୁ ହେଉ
ତୋ ଦେହରେ
ଉକୁଟି ଉଠେ (ପ୍ରତିଫଳିତ ହୁଏ)
ଚିତ୍ତଚୋରା ଇନ୍ଦ୍ରଧନୁ
ଆଖିର କୋଣରେ ତୁ ଲାଖି ରହିଥାଉ ।
ଡେଣାଲଗା ପ୍ରଜାପତି ହୋଇ
ହସନ୍ତ ଜହ୍ନର ମୁଖେ
ସର୍ବନିୟନ୍ତାଙ୍କ ସ୍ତୁତି କରୁଥାଉ ।

ତୋ ଝରିବାରେ
କୋଉଠି ନା କୋଉଠି
ଲେଖାହୁଏ ଇତିହାସ କାଳର କାଳିରେ
ଉତ୍ଥାନ ଅବା ପତନର
ଦୃଶ୍ଯବତୀ ହୋଇଯାଏ
ଷାଠିଏ ବର୍ଷର ଲୋଳିତଚର୍ମା ଯଶୋଦା
ତ ପୁଣି ସୁବର୍ଣ୍ଣମୟୀ ଲଙ୍କା ହୁଏ ଛାରଖାର ।

ଲୁହ ଲୋ !
କଇଁଛ ଭଳି ତୁ ଲୁଚିଥାଉ
ତୋ' ନିଜ ଭିତରେ
ମୁଣ୍ଡ ଟୁଙ୍ଗାରୁ କେତେବେଳେ
ଝଲମଲ ମୁକ୍ତାବିନ୍ଦୁ ହୋଇ ତ
କେତେବେଳେ ନିଜକୁ ଉଦଗୀରଣ କରୁ
ଅଗ୍ନିର ଗୋଲକ ରୂପରେ ।

ସ୍ଥୂଳ ରୂପରେ ଦେଖାଦେଉ
ତୁ ସିନା ବିନ୍ଦୁଟିଏ ହୋଇ
ସୂକ୍ଷ୍ମରେ ତ ତୁ ସିନ୍ଧୁର ଗୋପନୀୟ ତତ୍ତ୍ୱ
କ୍ଷୁଦ୍ର ସିନା
ଗୁଣରେ ତୁ ପରମାଣୁ ସତ୍ତ୍ୱ ।

ତାପସ କୁଟୀର, ବଇଣ୍ଡା, ଅନୁଗୋଳ
ସମ୍ପାଦକ, ତ୍ରିଧାରା ସାହିତ୍ୟ ସଂସଦ, ବଇଣ୍ଡା



# ସାଗର

**ସୁନୀଲ ନାୟକ**

ସୁନୀଳ ସାଗର ଶୁଭ୍ର ଉର୍ମିମାଳା
ଦିଶେ ମୁକୁତାର ସମ
କମର ନଚେଇ ନାଚି ନାଚି ଆସେ
ପାଦ ପ୍ରକ୍ଷ୍ୟାଳନେ ପ୍ରେମ ||

ଉଷା ଜଳନିଧି ସବିତା କିରଣ
କୋକିଳର କୁହୁ ରାବ
ମୀନ ମାରି ଯାଏ କୈବର୍ତ୍ତ ନନ୍ଦନ
ଢେଉ ଭାଙ୍ଗୁଥାଏ ନାବ ||

ନିଶାର୍ଦ୍ଧ ଜଳେନ୍ଦ୍ର ନିଶି ଚନ୍ଦ୍ରକାନ୍ତ
ମୃଦୁ ମଳୟର ସ୍ପର୍ଶ
ତନୁ ରୋମାଞ୍ଚିତ ମନ ଆହ୍ଲାଦିତ
ଦଗ୍ଧ ଅନ୍ତର୍ହିର୍ଭ କ୍ଲେଶ ||

**ଗୁଡୁବଣି, ଅସ୍ତରଙ୍ଗ, ପୁରୀ**

# ବାଲକୋନି



**ଡ଼. ମାଙ୍ଗଳିକା ମହାପାତ୍ର**

ହୃଦୟର ବାଲକୋନିରୁ ଦେଖିଲେ
ଫାଙ୍କା ରାସ୍ତା, ଫାଙ୍କା ଆକାଶ, ନିଛାଟିଆ ଘର
ଏକୁଟିଆ ଗଛ ଭିତରେ ବି
ତୁମ ପରି କିଏ ଜଣେ ଦିଶେ
ପବନର କାଚ ପରି
ସଫା ଦର୍ପଣରେ କିଏ ହସେ
ପବନରେ ଚିହ୍ନାଚିହ୍ନା
ମିଠାମିଠା କିଛି ବାସେ..
କାଚକେନ୍ଦୁ ପାଣିରେ ବି ପଡିଥିବା
କବିତାର ଶବ୍ଦ ସବୁ ଭାସେ...
ଭାବ ପ୍ରବଣତାର ଛାଇ-ଆଲୁଅରେ
ଅନୁଭବ ଆଉ ଅନୁଭୂତିର ଲୁଚକାଳିରେ
ମନ କିଆଁ ଏତେ ବିକଳ ହୁଏ
କେଉଁ ମିଠା ଶୋଷେ...!!!!

ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ



# ସଞ୍ଜ ତୁ ଆସିବା ପରେ

## ଯମେଶ୍ୱର କହଲସିଂହ

ତୁ ଆସିବା ପରେପରେ
ଆକାଶରେ ତାରାଫୁଲ ହସେ
ଯେମିତି ମୋ' ପ୍ରିୟା ଦେହେ
ଫୁଲପକା ଛିଟଶାଢି ଦିଶେ ।

ତୁ... ଯେବେ ଖୋଲିଦେଉ
ଝିଲିମିଲି ରୂପର ପସରା
ରଙ୍ଗହୀନ ହୋଇଯାଏ
ତୋତେ ଦେଖି ସୁନାଝରା ଖରା ।

ତୁ ଆସିଲେ ବାସ୍ନା ଛୁଟେ
ଘରେଘରେ ଧୂପ ମହକରେ
ମୋ' ଶୁଭ ମନାସେ ମାଆ
ଦୀପ ଜାଳି ଚଉରା ମୂଳରେ ।

ତୋତେ ଦେଖି ବଗିଚାରେ
ଫୁଲ ଫୁଟେ ଲତା ଗହଳରେ
ଜହ୍ନ ହସେ ଖୋଲା ହସ
ଆକାଶର ଫୁଲ ଶେଯ ପରେ ।

ତୁ ଟିକେ ଗଭୀର ହେଲେ
କେତେ କା'ର ବଢେ ରକ୍ତଚାପ,
ଚିବୁକରୁ ଚୁମା ସବୁ
ଲୁଟିବାକୁ ବଦଳାନ୍ତି ରୂପ ।

ଦିନ, ରାତି ମଝିରେ ତୁ'
ସଂଧ୍ୟାରାଣୀ ସଂଯୋଗସାରିଣୀ
ଏକାକାର ଦିଶୁଥାଏ
ତୋ' ଛୁଆଁରେ ଆକାଶ ଅବନୀ ।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା



# କଳାକାରଟିଏ

**ହାସ୍ୟମୟୀ ରାଜ୍**

ଉପରେ ସେ ହସେ
କୋହକୁ ଲୁଚାଇ
କଳା ହିଁ ତାର ଜୀବନ
ସେଇଥି ପାଇଁ ତ
ଏତେ ଦୁଃଖରେ ବି
ଉଣା କରେ ନାହିଁ ମନ ।।

ପଥରକୁ କେବେ
ଜୀବନ ଦିଏ ସେ
ରଙ୍ଗ ମାଖେ କେବେ ମୁହେଁ
ସ୍ୱର ଝଙ୍କାରରେ
ହଜାଏ ମଜାଏ
ସୃଷ୍ଟି ଚିତ୍ର ଆଙ୍କୁଥାଏ ।।

ଜାଣେ ଏ ଜୀବନ
ଏକ ଅଭିନୟ
ମିଛ ଏ ମାୟା ସଂସାର
ଭଲ ପାଇବାର
ମନ୍ତ୍ର ତେଣୁ ଘୋଷେ
ଦେଇ ତାଳ ଲୟ ସ୍ୱର।।

ଜୀବନ ଝଡରେ
ଭାଙ୍ଗିପଡେ ନାହିଁ
ଆଶାର ପାହାଡ଼ ଚଢ଼େ
ସମୟ ସାଥିରେ
ସ୍ମୃତି ପଥଧାରେ
ଆଗକୁ ଆଗକୁ ବଢ଼େ ।।

ସପନରେ ଭରେ ସ୍ପନ୍ଦନ ତା'ର
ସେଥିରେ କରିଛି ଘର
ଖୁସି ବାଣ୍ଟିବାକୁ
ପଣ କରିଛି ସେ
ସଭିଙ୍କୁ କରି ନିଜର ।।

ତା ହୃଦୟ କଥା
ବୁଝିବା ପାଇଁ କି
ନଥାଉ ପଛକେ କିଏ
ସଭିଙ୍କ ହୃଦୟ ବୁଝିପାରେ ବୋଲି
ସେ ତ' କଳାକାରଟିଏ ।।

**ଓରାଳି, ହାଟଡିହି, କେନ୍ଦୁଝର**

# କେହି ଜଣେ କହିବା ଶୁଣା ଗଲା

ଡ ରଜତ କୁମାର ଷଡଙ୍ଗୀ

କେହି ଜଣେ କହିବା ଶୁଣାଗଲା
ଉଡ଼ନ୍ତା ଚଢ଼େଇର ପର ଗଣି ଲାଭ କ'ଣ
ଲାଭ କ'ଣ ସ୍ୱପ୍ନ ସବୁ ସାଉଁଟି
ସୁନା ପଂଜୁରୀରେ କଏଦ କରିବା
ଅଡୁଆ ସୁତାର ଖିଅ ଓଟାରି
ଓଟ ଭଳି ନିଜ ପିଠିରେ
କୁଜ ବାହାର କରିବା ।।

କେହି ଜଣେ କହିବା ଶୁଣାଗଲା
ସମୁଦ୍ର ଲହଡ଼ି ଗଣିବା କି ଦରକାର
କି ଦରକାର ହାତରୁ ଖାଇ
ଘୋଡ଼ା ଆଗରେ ଧାଇଁବୁ
ବିଲେଇ କପାଳରେ ଶିକା ଛିଡିଲେ
ଲାଭ କାହିଁକି ନ ନେବୁ ।।

କେହି ଜଣେ କହିବା ଶୁଣାଗଲା
ଭାତ ଫିଙ୍ଗିଲେ କାଉ କନ୍ତାର ନୁହଁନ୍ତି
ଉଧାର ମିଳିଲେ ହାତୀ କିଣନ୍ତି
ପାଣିରେ ସର ପକାଇ କଥା ବନାନ୍ତି
ସେମାନେ ହିଁ ଦୁନିଆରେ ସଫଳ ହୁଅନ୍ତି ।।

କେହି ଜଣେ କହିବା ଶୁଣାଗଲା
ଯେମିତି ଦିଅଁକୁ ସେମିତି ପୂଜା
ହାତେ ମାପି ଚାଖଣ୍ଡେ ଚାଲ
ଦିଆକୁ ଦିଆ ଅଦିଆକୁ ଦୁଆର ଦିଆ
ଭଲକୁ ଭେଲ କଳାକୁ ଧଳା
କରିପାରେ ଯେ ତା' ଜନ୍ମ ସଫଳ ।।

ଉତ୍ତରିଲେ କେହି ଜଣେ ମହାଶୟ
କଷ୍ଟ କଲେ କୃଷ୍ଣ ମିଳେ
ପୁରୁଷାର୍ଥ ମଣିଷ ଅଧୀନ,
ନିଜ ଗୋଡ଼ରେ ଯେ ନିଜେ ହୁଏ ଠିଆ
ସେହି ମାତ୍ର ଦୁନିଆରେ ଅତି ଭାଗ୍ୟବାନ।।

ସତ କଥା କହୁଥିଲେ ଶ୍ରୋତା
ନିଜର କର୍ମ ହିଁ ନିଜର ଭାଗ୍ୟ ବିଧାତା ।।

ବୋରିଗୁମ୍ମା,କୋରାପୁଟ

# ଅଗ୍ରପୂଜ୍ୟ ଶ୍ରୀ ଗଣେଶ



ବାସନ୍ତୀ ଦେଈ

ସିଦ୍ଧି ବିନାୟକ ବାବା ଗଣପତି
ଅଗ୍ରପୂଜ୍ୟ ଶ୍ରୀ ଗଣେଶ
ପିତା ମହାଦେବ ମାତା ଯେ ପାର୍ବତୀ
ସର୍ବ ବିଘ୍ନ କର ନାଶ।।
ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ରେ
ପୂଜିତ ହୁଅ ଧରାରେ
ପୁରପଲ୍ଲୀ ନଗ୍ର ଉତ୍ସବ ମୁଖର
ଶୁଭ୍ର ଶରତ ଋତୁରେ।।
ଦୋକାନ ବଜାର ବିଦ୍ୟାଳୟେ ତବ
ହୁଏ ପୂଜା ଅନୁଷ୍ଠାନ
ବିଦ୍ୟା ପ୍ରଦାୟକ ପ୍ରଭୁ ବିଘ୍ନେଶ୍ୱର
ଜୟ ଗିରିଜା ନନ୍ଦନ।।
ମୂଷିକ ବାହନ ଆହେ ଗଜାନନ
କର ସଙ୍କଟ ମୋଚନ
ତବ କୃପାରୁ ମହର୍ଷି ବ୍ୟାସଦେବ
ମହାଭାରତ ରଚନ।।
ଋଦ୍ଧି ସିଦ୍ଧି ଦାତା ମଙ୍ଗଳମୂରତି
ବିଘ୍ନହର୍ତ୍ତା ଲମ୍ବୋଦର
ଗଉରୀ ମାନସ ମଲୁଖ ସନ୍ତାନ
ବିଘ୍ନ ନାଶ ଜଗତର।।
ବିଦ୍ୟା ବୁଦ୍ଧି ଜ୍ଞାନ କରହେ ପ୍ରଦାନ
ଏ ମର୍ତ୍ତ୍ୟ ଭୁବନେ ଆସି
ଜାଳି ଜ୍ଞାନାଲୋକ ସଭିଙ୍କ ହୃଦୟେ
ଅଜ୍ଞାନ ଦିଅ ବିନାଶି।।

ଶିକ୍ଷୟିତ୍ରୀ ଓ କବୟିତ୍ରୀ
ଖୋର୍ଦ୍ଧା

ଆମ କବିତା



# ପ୍ରିୟା ଓ ଗାଆଁ

**ନିଶିକାନ୍ତ କହଲସିଂହ**

ତୁମ ମନ ପ୍ରିୟା
ଆଜିକା ଦିନରେ
ଆମ ଗାଆଁ ନଈ ପାଣି,
ଚିହ୍ନିହୁଏ ନାହିଁ
ନଈ ଅବା ଇଏ
ପଚା ଆବର୍ଜନା ଖଣି ।।

ରୂପସୀ ଗୋ ! ତୁମ-
ଓଠ, ଆମ ଗାଆଁ
ଭାଟି ଚୁଲି ନିଆଁ ସରି,
ଧରିବା ଚାହିଁଲେ
ଜଳିବା ହିଁ ସାର
ନିର୍ବୋଧ ପତଙ୍ଗ ପରି ।।

ଆମ ଘର ପଛ
ବଗିଚା ପରିକା
ବିଶ୍ୱାସ ତୁମ ମିଛ ,
ଫୁଲ ନାହିଁ ଯହିଁ
କାକଟସ୍ ମାଳ
ବନସାଇ କରା ଗଛ ।।

ଗାଁର କଂକ୍ରିଟ୍
ରାସ୍ତା ପରିକା
ରୂପ ତୁମ ଝିଲିମିଲି,
ସତେକି ବସ୍ତାଏ-
ସିମେଣ୍ଟରେ ମିଶା
କୋଡିଏ ବସ୍ତା ବାଲି ।।

ଗାଆଁ ରାଜନୀତି
ପରିକା ତୁମର
ପୀରତି ଲଗାମଛଡା,
ନାରୀ ସଭା ଆଉ
ପଲ୍ଲୀ ସଭା ପରି
ଘଡ଼ି କେ ଛୁଟୁଛି ଘୋଡ଼ା ।।

ଆମରି ଗାଆଁର
ପିଚୁ ସଡ଼କରେ
ଯୋଡିକି ଗୋ ଖାଲଖମା,
ତୁମ ବ୍ରଣଚିପା
ଗାଲକୁ ସୁନ୍ଦରୀ
ସରି ହେବ ନାଇଁ ଜମା ।।

ଆମରି ଗାଆଁର
ଜମି ପରି ତୁମ
ଦେହ ଭାଉ ଭାରି ଟଣା,
ଦୁନିଆ ହାଟରେ
ଦଲାଲ୍ ହାତରେ
ନିତି ହୁଏ ବିକାକିଣା ।।

**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**



# ଆମ କବିତା

Volume : I ◆ Issue : 9 ◆ September 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

AMARISATYA
Estd.: 2006
ODISHA

**M-1/5, M.P.Housing Board Colony**
**Post: P.N.College, Dist: Khordha, State: Odisha, Pin: 752057**
**+91-9437281655, Email : amarisatya@gmail.com**